ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.244 Bhubaneswar Wednesday November 08 2023 | ୨୬ତମ ବର୍ଷ ସଂଖ୍ୟା-୨୪୪ ଭୁବନେଶ୍ୱର, ବୁଧବାର, ନଭେମ୍ବର ୮, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ଉପବାଚସ୍ପତି ପଦରୁ ଇସ୍ତଫା ଦେବାକୁ ରଜନୀକାନ୍ତ ସିଂହଙ୍କୁ ନିର୍ଦ୍ଦେଶ,ଆସନ୍ତାକାଲି ଦେବେ ଇସ୍ତଫା



ଭୁବନେଶ୍ୱର,୭।୧୧(ପି.ଏନ):ବରିଷ୍ଠ ବିଜେଡି ନେତା ରଜନୀକାନ୍ତ ସିଂହଙ୍କୁ ଓଡିଶା ବିଧାନସଭାର ଉପବାଚସ୍ପତି ପଦରୁ ଇସ୍ତଫା ଦେବାକୁ ଦଳ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିଜ ଅଂଚଳରେ ଦଳୀୟ ସଂଗଠନକୁ ସୁଦୃ? କରିବା ଉଦ୍ଦେଶ୍ୟରେ ସେ ଇସ୍ତଫା ଦେବେ। ସେ ଆସନ୍ତାକାଲି ବିଧିବଦ୍ଧ ଭାବେ ବାଚସ୍ପତିଙ୍କୁ ଭେଟି ନିଜର ଇସ୍ତଫା ପତ୍ର ଦେବେ ବୋଲି ଜଣାପଡିଛି। ବିଜେଡି ସମାନ ଢଙ୍ଗରେ ଗତ ୫ମାସ ପୂର୍ବରୁ ବିକ୍ରମ କେଶରୀ ଆରୁଖଙ୍କୁ ବାଚସ୍ପତି ପଦରୁ ପ୍ରତ୍ୟାହାର କରିନେଇଥିଲା।ସୂଚନା ଅନୁସାରେ, ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅନୁଗୁଳ ଜିଲ୍ଲାରେ ବିଜେଡି ସଂଗଠନକୁ ସୁଦୃ? କରିବା ନିମନ୍ତେ ଦଳ ରଜନୀକାନ୍ତ ସିଂହଙ୍କ ଉପରେ ଭରସା କରିଛି ।ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଅନୁଗୁଳ ଓ ପାଲଲହଡା ବିଧାନସଭା କ୍ଷେତ୍ରରେ ବିଜେଡିର ସଂଗଠନ କ୍ରମାଗତ ଦୁର୍ବଳ ହେଉଛି । ଆଭ୍ୟନ୍ତରୀଣ ସର୍ଭେ ରିପୋର୍ଟ ଆଧାରରେ ବିଜେଡି ତାଙ୍କୁ ଉପବାଚସ୍ପତି ପଦରୁ ପ୍ରତ୍ୟାହାର କରିନେବାକୁ ନିଷ୍ପତ୍ତି ନେଇଛି । ଗତ ଦୁଇଦିନ ତଳେ ତାଙ୍କୁ ଏନେଇ ନିର୍ଦ୍ଦେଶ ଦିଆଯାଇଛି । ଆଜି ଏ ସମ୍ପର୍କରେ ପଚରାଯିବାରୁ ଉପବାଚସ୍ପତି ରଜନୀକାନ୍ତ ସିଂହ କହିଛନ୍ତି ଯେ, ସେ ଆସନ୍ତାକାଲି ଭୁବନେଶ୍ୱର ଯିବେ । ଯାହା କିଛି ଆସନ୍ତାକାଲି ହିଁ କହିବେ । କିନ୍ତୁ ଉପବାଚସ୍ପତି ପଦରୁ ଇସ୍ତଫା ଦେବା ଖବରକୁ ସେ ଖଣ୍ଡନ କରିନଥିଲେ । ତେବେ ବିଧାନସଭା ସଚିବାଳୟରୁ ମିଳିଥିବା ସୂଚନା ଅନୁସାରେ, ଶ୍ରୀ ସିଂହ ଆସନ୍ତାକାଲି ଭୁବନେଶ୍ୱରରେ ବାଚସ୍ପତିଙ୍କୁ ଭେଟି ବିଧିବଦ୍ଧ ଭାବେ ନିଜର ଇସ୍ତଫା ପତ୍ର ଦେବେ। ଶ୍ରୀ ସିଂହ ଉପବାଚସ୍ପତି ପଦରୁ ଇସ୍ତଫା ଦେଲେ ମଧ୍ୟ ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବାର ସମ୍ଭାବନା କ୍ଷୀଣ । କିମ୍ବା ତାଙ୍କ ସ୍ଥାନରେ ଅନ୍ୟ କୌଣସି ନେତାଙ୍କୁ ଉପବାଚସ୍ପତି କରାଯିବ ନାହିଁ ବୋଲି ବିଜେଡି ସୂତ୍ରରୁ ଜଣାପଡିଛି ।

### ୨୦ରେ ଓଡିଶା ଆସିବେ ରାଷ୍ଟ୍ରପତି !

ଭୁବନେଶ୍ୱର, ୭।୧୧(ପି.ଏନ): ପୁଣି ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ଆସନ୍ତା ନଭେମ୍ବର ୨୦ରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୨ ଦିନିଆ ଓଡ଼ିଶା ଆସୁଥିବା ସୂଚନା ମିଳିଛି ।କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ମନ୍ତବ୍ୟରୁ ଏନେଇ ସଂକେତ ମିଳିଛି। ରାଷ୍ଟ୍ରପତି ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା କହିଛନ୍ତି ବିଶ୍ୱେଶ୍ୱର ଟୁଡୁ । ତେବେ ଓଡିଶା ଗସ୍ତ ନେଇ ରାଷ୍ଟ୍ରପତି ଭବନରୁ କୌଣସି ସୂଚନା ଦିଆଯାଇନାହିଁ ।

## ୫ଟି ଓ ନବୀନ ଓଡ଼ିଶାର ଅଧକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନର କର୍ମକର୍ତ୍ତା



ଭୁବନେଶ୍ୱର,୭।୧୧(ପି.ଏନ): ୫ଟି ଓ ନବୀନ ଓଡ଼ିଶାର ଅଧକ୍ଷ ଭି.କେ ପାଣ୍ଡିଆନଙ୍କୁ ଶୁଭେଛା ଜଣାଇଛନ୍ତି ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନର କର୍ମକର୍ତ୍ତା । ନବୀନ ନିବାସରେ ଭି.କେ ପାଣ୍ଡିଆନଙ୍କୁ ୮ଟି ସଂଗଠନର କର୍ମକର୍ତ୍ତା ସାକ୍ଷାତ କରି ନୂଆ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଓଡ଼ିଶା ରାଜ୍ୟ ଶୀର୍ଷ ସମବାୟ ସଂସ୍ଥାର ସମସ୍ତ କର୍ମକର୍ତ୍ତା, ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷା ଓ ଶିକ୍ଷା ନିରୀକ୍ଷକ ସଂଘ, ଲିଙ୍ଗିପୁର ସନ୍ଥ ବିହାର ଉନ୍ନୟନ ସମିତି, ST-SC ବିଭାଗର କର୍ମଚାରୀ ମେଡା, ଏକାମ୍ର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତର ନେତୃବୃନ୍ଦ, ଡାଓସିସି ଅଫ କଟକ ଚ୍ରର୍ଚ୍ଚ ଅଫ୍ ନର୍ଥ ଇଣ୍ଡିଆର କର୍ମକର୍ତ୍ତାମାନେ ଭି.କେ ପାଣ୍ଡିଆନଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି ।

## ହାଜର ହେଲେ ସୋମାଲିକା; ଆସିଲେନି ବିଜୟଶଙ୍କର ଓ ପ୍ରତ୍ୟୁଷା

ଭୁବନେଶ୍ୱର,୭।୧୧(ପି.ଏନ): କଟକ ବିବାହ ପଞ୍ଜିକରଣ ଅଧିକାରୀଙ୍କ ନିକଟରେ ହାଜର ହେଲେ ସୋମାଲିକା ଦାଶ। ହେଲେ ବିଜୟଶଙ୍କର ଦାସ ଓ ତାଙ୍କ ଭାବିପତ୍ନୀ ପ୍ରତ୍ୟୁଷା ନନ୍ଦଙ୍କ ଦେଖାନଥିଲା। ଆଜି ସମସ୍ତ ୩ ଜଣଙ୍କୁ ହାଜର ହେବା ପାଇଁ କଟକ ବିବାହ ପଞ୍ଜିକରଣ ଅଧିକାରୀଙ୍କ ପକ୍ଷରୁ ନୋଟିସ୍ ହୋଇଥିଲା।



## କ୍ଷେପଣାସ୍ତ୍ର ପ୍ରଳୟର ବ୍ୟବହାରିକ ପରୀକ୍ଷଣ

ଭଦ୍ରକ,୭।୧୧(ପି.ଏନ):- ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ପ୍ରଳୟର ବ୍ୟବହାରିକ ପରୀକ୍ଷଣ କରାଯାଇଛି । ଅବଦୁଲ କାଲାମ ଦ୍ୱୀପରୁ ଏହାର ପରୀକ୍ଷଣ କରାଯାଇଛି । ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହୋଇପାରିବ ଏହି ବିଧ୍ୱଂସକାରୀ କ୍ଷେପଣାସ୍ତ୍ର ପ୍ରଳୟ । ଏହା ଶତ୍ରୁ ପକ୍ଷର ମିଶାଇଲ୍ କୁ ଧ୍ୱଂସ କରିବାର କ୍ଷମତା ରଖିଛି। ଏହାର ଲକ୍ଷ୍ୟଭେଦ କ୍ଷମତା ୫୦୦ କି.ମି. ରହିଛି।

## ଆସନ୍ତାକାଲି ଶ୍ରୀଜୀଉଙ୍କ ବନକଲାଗି : ୪ ଘଂଟା ବନ୍ଦ ରହିବ ଦର୍ଶନ

ପୁରୀ, ୭।୧୧(ପି.ଏନ): ଆସନ୍ତାକାଲି ବୁଧବାର କାର୍ତ୍ତିକ-କୃଷ୍ଣ ଦଶମୀ ମଳ ତିଥିରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ଅପରାହ୍ନ ୫ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ସୂଚନା ମିଳିଛି । ବନକଲାଗି ଶ୍ରୀଜୀଉଙ୍କ ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିବ। ଦତ ମହାପାତ୍ର ସେବକମାନେ ଶ୍ରୀଜୀଉଙ୍କ ଏହି ଗୁପ୍ତ ନୀତି ସମ୍ପାଦନ କରିବେ। ବନକଲାଗି ପରେ ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହେବ।

## ସାମ୍ନାକୁ ଆସିଲା ସାଂଘାତିକ ତଥ୍ୟ: ୩୪% ପରିବାରର ଆୟ ୬ ହଜାରରୁ କମ



ଭୁବନେଶ୍ୱର,୭।୧୧(ପି.ଏନ): ଜାତିଗତ ଜନଗଣନା ସର୍ଭେ କରିଥିବା ବିହାର ସରକାର ଆଜି ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟବାସୀଙ୍କ ଶିକ୍ଷା ଓ ଆର୍ଥିକ ସ୍ଥିତି ସମ୍ପର୍କରେ ତଥ୍ୟ ସାର୍ବଜନୀନ କରିଛନ୍ତି। ସରକାରଙ୍କ ତଥ୍ୟ ଅନୁସାରେ, ରାଜ୍ୟରେ ଏକ ତୃତୀୟାଂଶ ବା ୩୪% ପରିବାରର ମାସିକ ଆୟ ୬ ହଜାର ଟଙ୍କାରୁ କମ।ସେହିପରି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ୪୨% ପରିବାର ଗରିବୀ ରେଖା ତଳେ ରହୁଛନ୍ତି। ଏହାବାଦ ପଛୁଆ ଓ ଅତି ପଛୁଆ ବର୍ଗର ୩୩% ପରିବାରକୁ ମଧ୍ୟ ଗରିବ ଭାବେ ବିବେଚନା କରାଯାଇଛି। ସରକାରୀ ତଥ୍ୟ ଅନୁଯାୟୀ, ଅନୁସୂଚିତ ଜାତି ବର୍ଗର କେବଳ ୬% ଲୋକ ସେମାନଙ୍କର ସ୍କୁଲ ଶିକ୍ଷା ଶେଷ କରିବାକୁ ସକ୍ଷମ ହୋଇଛନ୍ତି। ଅନ୍ୟପକ୍ଷରେ ୨୧୫ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ଅତ୍ୟନ୍ତ ପଛୁଆ ବର୍ଗର ଆର୍ଥିକ ସ୍ଥିତି ସମ୍ପର୍କିତ ରିପୋର୍ଟ ମଧ୍ୟ ବିହାର ସରକାର ଆଜି ବିଧାନସଭାରେ ଉପସ୍ଥାପନ କରିଛନ୍ତି।

## ଖସୁଛି ପାରଦ, ବଢ଼ିବ ଶୀତ

ଭୁବନେଶ୍ୱର,୭।୧୧(ପି.ଏନ): ଖସୁଛି ପାରଦ, ବଢ଼ିବ ଶୀତ। ଦେଶର ମଧ୍ୟ ଭାଗରେ ଏକ ଗୁରୁଚାପ ବଳୟ ସକ୍ରିୟ ହେଉଥିବାରୁ ରାଜ୍ୟ ମଧ୍ୟକୁ ଉତ୍ତର-ପଶ୍ଚିମ ତଥା ଉତ୍ତର ଦିଗରୁ ଶୁଷ୍କ -ଥଣ୍ଡା ବାୟୁ ପ୍ରବାହିତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଗାମୀ ୨ ଦିନ ମଧ୍ୟରେ ରାତିର ତାପମାତ୍ରାରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ଘଟିବାରେ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।



## ପଞ୍ଚଭୂତରେ ବିଲୀନ ହେଲେ ମହେଶ୍ୱର ମହାନ୍ତି, ସ୍ୱର୍ଗଦ୍ୱାରରେ ହେଲା ଅନ୍ତିମ ସତ୍କାର



ଭୁବନେଶ୍ୱର,୭।୧୧(ପି.ଏନ): ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଶୋକାକୂଳ ପରିବେଶ ମଧ୍ୟରେ ଅନ୍ତିମ ସଂସ୍କାର କରାଯାଇଛି। ମରଶରୀରରେ ବଡପୁଅ ସୁନୀଲ ମହାନ୍ତି ମୁଖାଗ୍ନି ଦେଇଛନ୍ତି। କର୍ମଭୂମିରୁ ଜନ୍ମଭୂମି ଯାଏଁ ଶହ ଶହ ଲୋକେ ଶେଷ ଦର୍ଶନ କରିଛନ୍ତି। ଲୁହ ଭିଜା ଆଖିରେ ପରିବାର ଲୋକ, ବନ୍ଧୁବାନ୍ଧବ, ରାଜନୈତିକ ଦଳ ସହିତ ସଂପୃକ୍ତି ରଖିଥିବା ବ୍ୟକ୍ତି, ଶୁଭେଚ୍ଛୁ ଓ ସମର୍ଥକମାନେ ବିଦାୟ ଦେଇଛନ୍ତି। ଅନ୍ତିମ ସତ୍କାର ବେଳେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସିଂହ, ବିଜେଡିର ଅନ୍ୟ ବିଧାୟକ, ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ତିମ ସତ୍କାର ପୂର୍ବରୁ ମହେଶ୍ୱର ମହାନ୍ତିଙ୍କ ପାର୍ଥିବ ଶରୀର ଭୁବନେଶ୍ୱରରୁ ପ୍ରଥମେ ପୁରୀ ଜିଲ୍ଲା କୋର୍ଟକୁ ନିଆଯାଇଥିଲା। ତା'ପରେ ପାର୍ଥିବ ଶରୀରକୁ ସେଠାରୁ ନେଇ ତାଙ୍କ ବସଭବନରେ ପ୍ରାୟ ଅଧଘଣ୍ଟା ଯାଏଁ ରଖାଯାଇଥିଲା। ସେଠାରେ ପରିବାର, ସାହିପଡିଶା ଓ ବନ୍ଧୁବାନ୍ଧବଙ୍କ ସମେତ ଦଳମତ ନିର୍ବିଶେଷରେ ସମସ୍ତେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ନିବାସରୁ ମରଶରୀରକୁ କୁମୁଟିପାଟଣା ସାହିରେ ପରିକ୍ରମା କରାଯାଇ ଜିଲ୍ଲା ବିଜେଡି କାର୍ଯ୍ୟାଳୟକୁ ନିଆଯାଇଥିଲା ଏବଂ ପରେ ଏହା ସ୍ୱର୍ଗଦ୍ୱାରରେ ପହଞ୍ଚି ଥିଲା। ଆଜି ପୂର୍ବାହ୍ନରେ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପାର୍ଥିବ ଶରୀରକୁ ଘରୋଇ ହସ୍ପିଟାଲରୁ ଅଣାଯାଇ ବିଜେଡି ରାଜ୍ୟ କାର୍ଯ୍ୟାଳୟ 'ଶଙ୍ଖଭବନ'କୁ ନିଆଯାଇଥିଲା। ଦଳୀୟ ନେତା ଓ କର୍ମୀ ସେଠାରେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ମଧ୍ୟ ସେଠାରେ ପହଞ୍ଚି ଦିବଙ୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶଙ୍ଖଭବନରେ ବିଜେଡି ସାଧାରଣ ସଂପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅଶୋକ ଚନ୍ଦ୍ର ପଣ୍ଡା, ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସମୀରରଂଜନ ଦାଶ, ବିଧାୟକ ରୁଦ୍ର ମହାରଥୀ, ପ୍ରଣବ ବଳବନ୍ତରାୟ, ସୁଶାନ୍ତ ରାଉତ ଓ ଅନନ୍ତ ନାରାୟଣ ଜେନା ପ୍ରମୁଖ ମହେଶ୍ୱର ମହାନ୍ତିଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶଙ୍ଖଭବନରୁ ମହେଶ୍ୱର ମହାନ୍ତିଙ୍କ ପାର୍ଥିବ ଶରୀରକୁ ବିଧାନସଭା ପରିସରକୁ ନିଆଯାଇଥିଲା। ତା'ପରେ ତାଙ୍କର ମରଶରୀର ପୁରୀ ଅଭିମୁଖେ ବାହାରିଥିଲା। ଉଲ୍ଲେଖଯୋଗ୍ୟ, ବରିଷ୍ଠ ରାଜନେତା ତଥା ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ପରଲୋକ ହୋଇଛି। ଗତ କିଛିଦିନ ଧରି ଗୁରୁତର ଅସୁସ୍ଥ ଥିବା ଶ୍ରୀ ମହାନ୍ତିଙ୍କର ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଛି। ନଭେମ୍ବର ପହିଲାରୁ ଭୁବନେଶ୍ୱରର କେୟାର ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଶ୍ରୀ ମହାନ୍ତିଙ୍କ ବିୟୋଗ ଭୋର ୩.୨୫ରେ ହୋଇଛି ବୋଲି ହସ୍ପିଟାଲର ଲୋକସଂପର୍କ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଥିଲା।

## ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକୁ ୧୦୦ଟି '୫ଜି ୟୁଜ୍ କେସ୍ ଲ୍ୟାବ୍' ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୭।୧୧(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ସପ୍ତମ ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୩କୁ ଉଦଘାଟନ କରିଛନ୍ତି । ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ହେଉଛି ଏସିଆର ସର୍ବବୃହତ୍ ଟେଲିକମ୍, ଗଣମାଧ୍ୟମ ଏବଂ ଟେକ୍ନୋଲୋଜି ଫୋରମ୍ ଯାହା ଅକ୍ଟୋବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ 'ଗ୍ଲୋବାଲ୍ ଡିଜିଟାଲ୍ ଇନୋଭେସନ୍' ଶୀର୍ଷକରେ ଆୟୋଜିତ ହେବ। ଆଇଏମସି ୨୦୨୩ ର ଲକ୍ଷ୍ୟ ହେଉଛି ପ୍ରମୁଖ ଅତ୍ୟାଧୁନିକ ଜ୍ଞାନକୌଶଳର ବିକାଶକାରୀ, ନିର୍ମାତା ଏବଂ ରପ୍ତାନିକାରୀ ଭାବରେ ଭାରତର ସ୍ଥିତିକୁ ସୁଦୃଢ଼ କରିବା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକୁ ୧୦୦ଟି '୫ଜି ୟୁଜ୍ କେସ୍ ଲ୍ୟାବ୍' ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ହଲ୍ ୫ରେ ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହ ବୁଲି ଦେଖିଥିଲେ । ଏହି ଅବସରରେ ଶିଳ୍ପପତିମାନେ ମଧ୍ୟ ବକ୍ତବ୍ୟ ରଖିଥିଲେ। ରିଲାଏନ୍ସ ଜିଓ ଇନଫୋକମ ଲିମିଟେଡର ଅଧ୍ୟକ୍ଷ ଶ୍ରୀ ଆକାଶ ଏମ ଅମ୍ବାନୀ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାରକୁ ପ୍ରୋତ୍ସାହିତ କରି ଯୁବପିଢ଼ିଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ଯାହା ଭାରତର ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମିକୁ ଶକ୍ତି ପ୍ରଦାନ କରିଥାଏ । ଭାରତୀ ଏଣ୍ଟରପ୍ରାଇଜେସର ଅଧ୍ୟକ୍ଷ ଶ୍ରୀ ସୁନୀଲ ଭାରତୀ ମିତ୍ତଲ ଡିଜିଟାଲ ଇଣ୍ଡିଆ ଆକାରରେ ପ୍ରଧାନମନ୍ତ୍ରୀ ଦେଇଥିବା ଦୃଷ୍ଟିକୋଣକୁ ସ୍ମରଣ କରିଥିଲେ ଯାହା ଦ୍ରୁତ ଗତିରେ ଡିଜିଟାଲ ଭିତ୍ତିଭୂମିର ବିକାଶରେ ସହାୟକ ହୋଇଥିଲା ।୫୦୦୦ ସହର ଏବଂ ୨୦,୦୦୦ ଗାଁରେ ଏୟାରଟେଲ ୫ଜି କାର୍ଯ୍ୟକାରୀ ହୋଇସାରିଛି ବୋଲି ସେ ସୂଚନା ଦେଇଥିଲେ ଏବଂ ମାର୍ଚ୍ଚ ୨୦୨୪ ସୁଦ୍ଧା ଏହା ସମଗ୍ର ଦେଶକୁ ବ୍ୟାପିଯିବ ବୋଲି ସୂଚନା ଦେଇଥିଲେ ଏବଂ ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସୂଚୀତ କରିଥିଲେ । ଏହା ପ୍ରକୃତରେ ବିଶ୍ୱର ସବୁଠାରୁ ଦ୍ରୁତତମ ୫ଜି କାର୍ଯ୍ୟକାରିତା ହେବ ବୋଲି ସେ କହିଛନ୍ତି। ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ ଶ୍ରୀ କୁମାର ମଙ୍ଗଳମ ବିର୍ଲା କହିଥିଲେ, 'ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣରୁ ପ୍ରେରିତ ହୋଇ ଭାରତ ଦକ୍ଷିଣ ବିଶ୍ୱର ଚାମ୍ପିୟନ ଭାବରେ ଉଭା ହୋଇଛି। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ କୁ ହାସଲ କରିବା ରେ ଭୋଡାଫୋନ ଆଇଡିଆ ଏକ ଦାୟିତ୍ୱବାନ ଅଂଶୀଦାର ହେବାକୁ ପ୍ରତିଶ୍ରୁତିବଦ୍ଧ। ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏକବିଂଶ ଶତାବ୍ଦୀର ପରିବର୍ତ୍ତିତ ସମୟରେ ଏହି କାର୍ଯ୍ୟକ୍ରମ କୋଟି କୋଟି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବାର କ୍ଷମତା ରଖିଛି । ବୈଷୟିକ ଜ୍ଞାନକୌଶଳର ଦ୍ରୁତ ଗତିଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ 'ଭବିଷ୍ୟତ ଏବଂ ବର୍ତ୍ତମାନ ଏଠାରେ ଅଛି' । ଟେଲିକମ୍, ଟେକ୍ନୋଲୋଜି ଏବଂ କନେକ୍ଟିଭିଟିରେ ଭବିଷ୍ୟତର ଝଲକ ପ୍ରଦାନ କରିବା ପାଇଁ ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀକୁ ସେ ପ୍ରଶଂସା କରିଥିଲେ। ସେ ୬ଜି, ଏଆଇ, ସାଇବର ସିକ୍ୟୁରିଟି, ସେମିକଣ୍ଡକ୍ଟର, ଡ୍ରୋନ୍ କିମ୍ବା ମହାକାଶ କ୍ଷେତ୍ର, ଗଭୀର ସମୁଦ୍ର, ସବୁଜ ପ୍ରଯୁକ୍ତି ବିଦ୍ୟା କିମ୍ବା ଅନ୍ୟ କୌଣସି କ୍ଷେତ୍ର ବିଷୟରେ ଉଲ୍ଲେଖ କରି କହିଲେ, ଭବିଷ୍ୟତ ସମ୍ପୂର୍ଣ୍ଣ ଭିନ୍ନ ହେବାକୁ ଯାଉଛି ଏବଂ ଏହା ଖୁସିର ବିଷୟ ଯେ ଆମର ଯୁବପିଢ଼ି ବୈଷୟିକ ବିପ୍ଳବର ନେତୃତ୍ୱ ନେଉଛନ୍ତି।ଶ୍ରୀ ମୋଦୀ ସ୍ମରଣ କରିଥିଲେ ଯେ ଗତବର୍ଷ ଭାରତରେ ହୋଇଥିବା ୫ଜି କାର୍ଯ୍ୟକାରିତା ଅବଶିଷ୍ଟ ବିଶ୍ୱ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା । ୫ଜିର ସଫଳତା ପରେ ଭାରତ ଅଟକି ନାହିଁ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ଏବଂ ଏହାକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବାର କାର୍ଯ୍ୟ ହାତକୁ ନେଇଥିଲେ । ସେ କହିଛନ୍ତି, ଭାରତ ୫ଜି ରୋଲଆଉଟ୍ ପର୍ଯ୍ୟାୟରୁ ୫ଜି ସ୍ତରକୁ ଗତି କରିଛି। ୫-ଜି ଆରମ୍ଭ ହେବାର ଏକ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ୪ ଲକ୍ଷ ୫ଜି ବେସ୍ ଷ୍ଟେସନର ବିକାଶ ବିଷୟରେ ସୂଚନା ଦେଇଥିଲେ ଯାହା ୯୭ ପ୍ରତିଶତରୁ ଅଧିକ ସହର ଏବଂ ୮୦ ପ୍ରତିଶତ ଜନସଂଖ୍ୟାକୁ ଅନ୍ତର୍ଭୁକ୍ତ କରେ । ଏକ ବର୍ଷ ମଧ୍ୟରେ ମୋବାଇଲ ବ୍ରଡବ୍ୟାଣ୍ଡ ସ୍ପିଡ୍ ୩ ଗୁଣ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବ୍ରଡବ୍ୟାଣ୍ଡ ସ୍ପିଡ୍ ଦୃଷ୍ଟିରୁ ଭାରତ ୧୧୮ତମ ସ୍ଥାନରୁ ୪୩ତମ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତ କେବଳ ଦେଶରେ ୫ଜି ନେଟୱାର୍କକୁ ବିସ୍ତାର କରୁନାହିଁ ବରଂ ୬ଜିରେ ନେତୃତ୍ୱ ନେବା ଉପରେ ମଧ୍ୟ ଗୁରୁତ୍ୱ ଦେଉଛି । ଟୁ-ଜି ସମୟରେ ଘଟିଥିବା ଦୁର୍ନୀତି ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକାଳରେ ଯେଉଁ ୪ଜି କାର୍ଯ୍ୟକାରୀ ହୋଇଛି ତାହା ଦାଗମୁକ୍ତ। ୬ଜି ଟେକ୍ନୋଲୋଜି ରେ ଭାରତ ନେତୃତ୍ୱ ନେବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି ।ସେ କହିଛନ୍ତି ଯେ ଇଣ୍ଟରନେଟ୍ ସଂଯୋଗ ଏବଂ ସ୍ପିଡରେ ରାଙ୍କିଙ୍ଗ୍ ଏବଂ ସଂଖ୍ୟା ରେ ଉନ୍ନତି ଯୋଗୁଁ ଜୀବନଯାପନ ସହଜ ହୋଇଥାଏ। ଶିକ୍ଷା, ଔଷଧ, ପର୍ଯ୍ୟଟନ ଏବଂ କୃଷି କ୍ଷେତ୍ରରେ ଉନ୍ନତ ସଂଯୋଗ ଏବଂ ତ୍ୱରାନ୍ୱିତତାର ଉପକାରିତା ବିଷୟରେ ସେ ବର୍ଣ୍ଣନା କରିଥିଲେ ।ପ୍ରଧାନମନ୍ତ୍ରୀ ମୋଦୀ ସାଇବର ସୁରକ୍ଷା ଏବଂ ନେଟୱାର୍କ ଭିତ୍ତିଭୂମିର ସୁରକ୍ଷା ର ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଜି-୨୦ ଶିଖର ସମ୍ମିଳନୀରେ 'ସାଇବର ସୁରକ୍ଷାର ବିଶ୍ୱ ବିପଦ' ଉପରେ ଆଲୋଚନାକୁ ମନେ ପକାଇଥିଲେ । ସାଇବର ନିରାପତ୍ତା ପାଇଁ ସମଗ୍ର ଉତ୍ପାଦନ ମୂଲ୍ୟ ଶୃଙ୍ଖଳାରେ ଆତ୍ମନିର୍ଭରଶୀଳତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ମୂଲ୍ୟ ଶୃଙ୍ଖଳାର ସବୁକିଛି ଜାତୀୟ ଡୋମେନ୍ ଅଧୀନରେ ଆସିଲେ ସୁରକ୍ଷା ବଜାୟ ରଖିବା ସହଜ ହୋଇଯାଏ, ତାହା ହାର୍ଡୱେର, ସଫ୍ଟୱେୟାର୍ କିମ୍ବା ଯୋଗାଯୋଗ। ବିଶ୍ୱର ଗଣତାନ୍ତ୍ରିକ ସମାଜକୁ ସୁରକ୍ଷିତ ରଖିବା ପାଇଁ ଇଣ୍ଡିଆ ମୋବାଇଲ କଂଗ୍ରେସରେ ଆଲୋଚନା କରିବା ର ଆବଶ୍ୟକତା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ଅତୀତରେ ନୂତନ ଜ୍ଞାନକୌଶଳ କୁ ଆପଣାଇବା କ୍ଷେତ୍ରରେ ସୁଯୋଗ ହାତଛଡ଼ା ହୋଇଥିବା ନେଇ ପ୍ରଧାନମନ୍ତ୍ରୀ ଦୁଃଖ ପ୍ରକାଶ କରିଥିଲେ । ସେ ଭାରତର ଆଇଟି କ୍ଷେତ୍ର ବିଷୟରେ ଉଲ୍ଲେଖ କରିଥିଲେ ଯେଉଁଠାରେ ଭାରତ ପୂର୍ବରୁ ବିକଶିତ ଜ୍ଞାନକୌଶଳରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲା । 'ଏକବିଂଶ ଶତାବ୍ଦୀର ଏହି ସମୟ ହେଉଛି ଭାରତର ଚିନ୍ତାଧାରାର ସମୟ', ଶ୍ରୀ ମୋଦୀ ଚିନ୍ତାଶୀଳ ନେତାମାନଙ୍କୁ ନୂତନ ଡୋମେନ୍ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ ଯାହାକୁ ଅନ୍ୟମାନେ ଅନୁସରଣ କରିପାରିବେ । ସେ ୟୁପିଆଇର ଉଦାହରଣ ଦେଇଛନ୍ତି ଯାହା ଆଜି ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାରେ ସମଗ୍ର ବିଶ୍ୱର ନେତୃତ୍ୱ ନେଉଛି । 'ଭାରତରେ ଯୁବ ଜନସଂଖ୍ୟାର ଶକ୍ତି ଏବଂ ଜୀବନ୍ତ ଗଣତନ୍ତ୍ରର ଶକ୍ତି ଅଛି', ପ୍ରଧାନମନ୍ତ୍ରୀ କହିଥିଲେ । ଇଣ୍ଡିଆ ମୋବାଇଲ କଂଗ୍ରେସର ସଦସ୍ୟ, ବିଶେଷ କରି ଯୁବ ସଦସ୍ୟମାନେ ଏ ଦିଗରେ ଆଗକୁ ବଢ଼ିବାକୁ ସେ ଅନୁରୋଧ କରିଛନ୍ତି। ଆଜି ଯେତେବେଳେ ଆମେ ଏକ ବିକଶିତ ଭାରତ ରେ ପରିଣତ ହେବାର ଲକ୍ଷ୍ୟକୁ ସାକାର କରୁଛୁ, ସେତେବେଳେ ଚିନ୍ତାଧାରାର ନେତା ଭାବରେ ଆଗକୁ ବଢ଼ିବା ସମଗ୍ର କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି ପ୍ରଧାନମନ୍ତ୍ରୀ ଶେଷରେ କହିଥିଲେ ।ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଦେବୁସିଂହ ଚୌହାନ, ରିଲାଏନ୍ସ ଜିଓ ଇନଫୋକମ ଲିମିଟେଡର ଅଧ୍ୟକ୍ଷ ଶ୍ରୀ ଆକାଶ ଏମ୍ ଅମ୍ବାନୀ, ଭାରତୀ ଏଣ୍ଟରପ୍ରାଇଜେସର ଅଧ୍ୟକ୍ଷ ଶ୍ରୀ ସୁନୀଲ ଭାରତୀ ମିତ୍ତଲ ଏବଂ ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ ଶ୍ରୀ କୁମାର ମଙ୍ଗଳମ ବିର୍ଲା ଉପସ୍ଥିତ ଥିଲେ ।ଇଣ୍ଡିଆ ମୋବାଇଲ କଂଗ୍ରେସ (ଆଇଏମସି) ଏସିଆର ସର୍ବବୃହତ ଟେଲିକମ, ମିଡିଆ ଏବଂ ଟେକ୍ନୋଲୋଜି ଫୋରମ ଏବଂ ଅକ୍ଟୋବର ୨୭ରୁ ୨୯, ୨୦୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ଟେଲିଯୋଗାଯୋଗ ଏବଂ ପ୍ରଯୁକ୍ତିବିଦ୍ୟାକ୍ଷେତ୍ରରେ ଭାରତର ଅବିଶ୍ୱସନୀୟ ଅଗ୍ରଗତି ଉପରେ ଆଲୋକପାତ କରିବା, ଗୁରୁତ୍ୱପୂର୍ଣ୍ଣ ଘୋଷଣା ଆଣିବା ଏବଂ ଷ୍ଟାର୍ଟଅପ୍ ଗୁଡ଼ିକୁ ସେମାନଙ୍କ ଅଭିନବ ଉତ୍ପାଦ ଏବଂ ସମାଧାନ ପ୍ରଦର୍ଶନ କରିବାକୁ ସୁଯୋଗ ପ୍ରଦାନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ ।'ଗ୍ଲୋବାଲ୍ ଡିଜିଟାଲ୍ ଇନୋଭେସନ୍' ଶୀର୍ଷକ ସହିତ ଆଇଏମ୍ସି ୨୦୨୩ ର ଲକ୍ଷ୍ୟ ହେଉଛି ପ୍ରମୁଖ ଅତ୍ୟାଧୁନିକ ଜ୍ଞାନକୌଶଳର ବିକାଶକାରୀ, ନିର୍ମାତା ଏବଂ ରପ୍ତାନିକାରୀ ଭାବରେ ଭାରତର ସ୍ଥିତିକୁ ସୁଦୃଢ଼ କରିବା । ତିନି ଦିନିଆ ଏହି ସମ୍ମିଳନୀରେ ୫ଜି, ୬ଜି ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭଳି ଜ୍ଞାନକୌଶଳ ଉପରେ ଆଲୋକପାତ କରାଯିବ ଏବଂ ସେମିକଣ୍ଡକ୍ଟର ଶିଳ୍ପ, ସବୁଜ ପ୍ରଯୁକ୍ତିବିଦ୍ୟା, ସାଇବର ନିରାପତ୍ତା ଇତ୍ୟାଦି ବିଷୟରେ ଆଲୋଚନା କରାଯିବ ।ଚଳିତ ବର୍ଷ ଆଇଏମସି ଏକ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଆରମ୍ଭ କରୁଛି- 'ଆସ୍ପାୟାର'। ଏହା ଷ୍ଟାର୍ଟଅପ୍, ନିବେଶକ ଏବଂ ପ୍ରତିଷ୍ଠିତ ବ୍ୟବସାୟ ମଧ୍ୟରେ ସମ୍ପର୍କକୁ ପ୍ରୋତ୍ସାହିତ କରିବ ଏବଂ ନୂତନ ଉଦ୍ୟୋଗୀ ପଦକ୍ଷେପ ଏବଂ ସହଯୋଗକୁ ଉତ୍ସାହିତ କରିବା ର ଉଦ୍ଦେଶ୍ୟ ରଖିବ । ଆଇଏମସି ୨୦୨୩ରେ ପାଖାପାଖି ୫୦୦୦ ସିଇଓ ପାହ୍ୟାର ପ୍ରତିନିଧି, ୨୩୦ ପ୍ରଦର୍ଶକ, ୪୦୦ ଷ୍ଟାର୍ଟଅପ୍ ଏବଂ ଅନ୍ୟ ଅଂଶୀଦାରଙ୍କ ସମେତ ପ୍ରାୟ ୨୨ଟି ଦେଶରୁ ଏକ ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେବେ।

## କାଲିଠୁ ରାଜ୍ୟରେ ବଦଳିବ ପାଗ

ଭୁବନେଶ୍ୱର,୭।୧୧(ପି.ଏନ): କାଲିଠୁ ରାଜ୍ୟରେ ବଦଳିବ ପାଗ । କମିବ ତାତି, ବଢ଼ିବ ଥଣ୍ଡା । ସ୍ୱାଭାବିକ ଠାରୁ ୨ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ କମିବ ପାରଦ । ଫଳରେ ସାରା ରାଜ୍ୟରେ ଶୀତ ଅନୁଭୂତ ହେବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସାରା ରାଜ୍ୟରେ ଆସନ୍ତା କାଲିଠାରୁ ପଶ୍ଚିମା ଝଡର ପ୍ରଭାବ କମିବା ସହ ଓଡ଼ିଶାକୁ ପ୍ରବେଶ କରୁଥିବା ପୂର୍ବାଳୀ ତରଙ୍ଗାୟିତ ଗରମ ଶୁଷ୍କ ବାୟୁ ପ୍ରବାହ କମିବ । ଏହାସହ ଦେଶର ମଧ୍ୟଭାଗରେ ଏକ ଗୁରୁଚାପ ବଳୟ ସକ୍ରିୟ ହେବାକୁ ଯାଉଛି । ଯାହାର ପ୍ରଭାବରେ ରାଜ୍ୟକୁ ଉତ୍ତର-ପଶ୍ଚିମ ତଥା ଉତ୍ତର ଦିଗରୁ ଶୁଷ୍କ-ଥଣ୍ଡା ବାୟୁ ପ୍ରବାହ ବଢିବ ।ଏହାର ପ୍ରଭାବରେ ଆଗାମୀ ଦୁଇ ଦିନ ମଧ୍ୟରେ ସାରା ରାଜ୍ୟରେ ରାତ୍ରୀର ତାପମାତ୍ରା ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମିବ । ବିଶେଷ କରି ପାହାଡିଆ ଅଞ୍ଚଳ କନ୍ଧମାଳ, କୋରାପୁଟ, ରାୟଗଡା, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଗଜପତି ଆଦି ଜିଲ୍ଲାରେ ଶୀତ ବଢିବ । ତେବେ ଆଜି ଠାରୁ ଆସନ୍ତା କାଲି ପର୍ଯ୍ୟନ୍ତ ପଶ୍ଚିମା ଝଡ ପ୍ରଭାବରେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ମୟୁରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁର, ଢେଙ୍କାନାଳ ସହ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା, କୋରାପୁଟ ଏବଂ ମାଲକାନଗିରିରେ ହାଲୁକା ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଛି । ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟର ବନ୍ଧୁଗାଁରେ ସର୍ବାଧିକ ୬୧ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ମାଲକାନଗିରି ମାଥିଲିରେ ୬୦ ଏବଂ ଗଞ୍ଜାମରେ ୩୭.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି ।

## ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଓ ୪ ଦ୍ୱାର ଖୋଲିବା ପ୍ରସଙ୍ଗ

ଭୁବନେଶ୍ୱର, ୭।୧୧(ପି.ଏନ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଚାରି ଦ୍ୱାର ଖୋଲିବା, ରତ୍ନ ଭଣ୍ଡାରର ଗଣତି, ମଣତି, ମରାମତି ଏବଂ ବେଦାନ୍ତ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜଗନ୍ନାଥଙ୍କ ଅମୃତମଣୋହି ଜମି ଓ ଚାଷୀଙ୍କ ଚାଷ ଜମିକୁ ତୁରନ୍ତ ଫେରସ୍ତ କରିବା ଦାବିରେ କଂଗ୍ରେସ ଦଳ ପକ୍ଷରୁ ଆସନ୍ତା ନଭେମ୍ବର ୯ ତାରିଖ ଗୁରୁବାର ସକାଳ ୯ ଘଟିକା ଠାରୁ ଦିବା ୧୨ ଘଂଟିକା ପର୍ଯ୍ୟନ୍ତ ରାଜ୍ୟ ସମସ୍ତ ବ୍ଲକ, ଏନ୍.ଏସ୍.ସି, ମ୍ୟୁନିସ୍‌ପାଲଟି ଓ ମହାନଗରରେ ଥିବା ଜଗନ୍ନାଥ ମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି "ସଂକ୍ରୀର୍ତନ ସତ୍ୟାଗ୍ରହ" କରାଯିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ଆହ୍ୱନ ଦେଇଛନ୍ତି। ଏହି ପରିପ୍ରେକ୍ଷିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ କହିଥିଲେ ଯେ ଆସନ୍ତା ନଭେମ୍ବର ୯ ତାରିଖ ଗୁରୁବାର ୯ ଘଟିକା ଠାରୁ ଦିବା ୧୨ ଘଟିକା ପର୍ଯ୍ୟନ୍ତ ସଚିବାଳୟର ପଛପଟେ ଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ସମ୍ମୁଖରେ ପ୍ରଦୀପ ପଜ୍ୱଳନ କରି ସଂକୀର୍ତନ ସତ୍ୟାଗ୍ରହ କାର୍ଯ୍ୟକ୍ରମ କରାଯିବ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର



ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।

## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ



ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି



ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର



ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ରକ୍ତଦାନ ମହାପୁଣ୍ୟ: ନଷ୍ଟ ହେବା ପରେ ବି କାମରେ ଲାଗୁଛି

ରକ୍ତର ବିକଳ୍ପ ହିଁ ନାହିଁ। ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁମୂର୍ଷୁଟିକୁ। ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁମୂର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି। ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

କଥାରେ ଅଛି ରକ୍ତଦାନ ମହାପୁଣ୍ୟ। ରକ୍ତ ଦେଇ କାହାର ମୂଲ୍ୟବାନ ଜୀବନ ରକ୍ଷା କରିବା ଠାରୁ ଆଉ ମହତ କାର୍ଯ୍ୟ କିଛି ନାହିଁ। ଏହି ରକ୍ତ ନା କେବଳ ରୋଗୀ ଶରୀରରେ ପ୍ରବେଶ କରି ତାଙ୍କ ଜୀବନ ରକ୍ଷା କରୁନାହିଁ ବରଂ ଏହାର ବିଭିନ୍ନ ଉପାଦାନ ମଧ୍ୟ ଲୋକଙ୍କୁ ଦୁରାରୋଗ୍ୟ ବ୍ୟାଧିରୁ ରକ୍ଷା କରୁଛି। ଏପରିକି ନଷ୍ଟ ହୋଇଯାଇଥିବା ରକ୍ତରୁ ମଧ୍ୟ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଛନ୍ତି। ଓଡ଼ିଶାରେ ବାର୍ଷିକ ୫ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ଏହାର ସିଂହଭାଗ ରକ୍ତ ସିଧାସଳଖ ବ୍ୟବହାର ହେଉଛି। ତେବେ ବଳକା କିଛି, ପ୍ଲାଜମା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଛି। ପୂର୍ବରୁ ଏହାକୁ ନଷ୍ଟ କରିଦିଆଯାଉଥିଲା, କିନ୍ତୁ କୋଭିଡ୍ ମହାମାରୀ ପରେ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଏହାକୁ ଔଷଧ ପ୍ରସ୍ତୁତକାରୀ କମ୍ପାନୀରୁ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବିକ୍ରି ଅର୍ଥ ସମ୍ପୃକ୍ତ ରକ୍ତ ଭଣ୍ଡାରର ବିକାଶ ପାଇଁ ବ୍ୟୟ କରାଯାଉଛି। ଏହି ଅର୍ଥ ରକ୍ତ ଭଣ୍ଡାର ଉପରେ ନିର୍ଭର କରୁଥିବା ରୋଗୀଙ୍କ କଲ୍ୟାଣ ଦିଗରେ ବ୍ୟୟ କରାଯାଉଛି।

ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି। ଏଣୁ ଏହାର ଚାହିଦା ସର୍ବାଧିକ। ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ। ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ। ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ। ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ। ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ୍ୟ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ। ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ। ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ। ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ। ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ। ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ।

ରାଜ୍ୟର ୩୦ ଜିଲ୍ଲାରେ ୫୭ଟି ରକ୍ତ ଭଣ୍ଡାର ରହିଥିବାବେଳେ ବାର୍ଷିକ ପ୍ରାୟ ୫ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଇଥାଏ। ଗତ ବର୍ଷ ୪୯୪୨ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୨୬୦୫୮୧ ଆଉଟଡୋର କ୍ୟାମ୍ପ ଜରିଆରେ ସମୁଦାୟ ୪୮୬୪୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଂଗୃହୀତ ରକ୍ତକୁ ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ତାପମାତ୍ରାରେ ସଂରକ୍ଷିତ ରଖାଯାଇଥାଏ। ତେବେ ୩୫ ଦିନ ପରେ ରକ୍ତ ଆଉ ବ୍ୟବହାରଯୋଗ୍ୟ ହୋଇନଥାଏ। ରାଜ୍ୟରେ ସଂଗ୍ରହ କରାଯାଉଥିବା ସମୁଦାୟ ୟୁନିଟରୁ ପ୍ରାୟ ୧ ପ୍ରତିଶତ ଜୀବନକାଳ ଶେଷ ହୋଇଯାଇଥାଏ। ରକ୍ତ ସଂଗ୍ରହ ପରେ ସେଥିରେ ଏଚଆଇଭି, ହେପାଟାଇଟିସ ବି ଓ ସି, ଏଚ୍‌ଟିଏଲଭି, ୱେଷ୍ଟ ନାଇଲ ଭାଇରସ ଆଦି ଯାଞ୍ଚ କରାଯାଇଥାଏ। ସଂଗୃହୀତ ରକ୍ତରେ ଏହି ରୋଗ ଜୀବାଣୁ ଚିହ୍ନଟ ହେଲେ ତାହା କୌଣସି ରୋଗୀଙ୍କୁ ଦିଆଯାଇ ପାରିବନାହିଁ। ପୂର୍ବରୁ ଏହାକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିଦିଆଯାଉଥିଲା। ତେବେ ସମ୍ପ୍ରତି ଏଥିରୁ ଫାର୍ମା କମ୍ପାନୀ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାୟ ବାହାର କରି ସେଥିରୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରୁଛନ୍ତି। ଅପରପକ୍ଷେ ପ୍ରତ୍ୟେକ ବ୍ଲଡ ବ୍ୟାଙ୍କରେ ରକ୍ତରୁ ପ୍ଲାଜମା ସଂଗ୍ରହ କରାଯାଇଥାଏ। ଗୋଟିଏ ୟୁନିଟ ରକ୍ତରୁ ପ୍ଲାଜମା ସମେତ ପ୍ଲେଟଲେଟ ଓ ପିଆରଭିସି ବାହାର କରାଯାଏ। ଏଗୁଡ଼ିକ କର୍କଟ, ଡେଙ୍ଗୁ, କୋଭିଡ଼ ଆଦି ରୋଗୀଙ୍କୁ ଦିଆଯାଏ। ତେବେ ଅନେକ ସମୟରେ ଏହି ପ୍ଲାଜମା ରୋଗୀଙ୍କ କାମରେ ଆସିନଥାଏ। ପୂର୍ବରୁ ଏହାକୁ ନଷ୍ଟ କରି ଦିଆଯାଉଥିଲା। ତେବେ କେନ୍ଦ୍ର ସରକାର ନୂଆ ଗାଇଡ଼ଲାଇନ ଆଣିବା ପରେ ସେଗୁଡ଼ିକୁ ଟେଣ୍ଡର ମାଧ୍ୟମରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀକୁ ଯୋଗାଇ ଦିଆଯାଉଛି ଏବଂ କେନ୍ଦ୍ର ସରକାର ସମ୍ପୃକ୍ତ ରକ୍ତ ଭଣ୍ଡାରକୁ ପ୍ରତିବଦଳରେ ଅର୍ଥ ପ୍ରଦାନ କରୁଛନ୍ତି। ଅବ୍ୟବହୃତ ପ୍ଲାଜମା ସରକାରୀ ନିର୍ଦ୍ଧାରିତ ଦରରେ ଅନୁମତିପ୍ରାପ୍ତ କମ୍ପାନୀକୁ ଯୋଗାଇ ଦିଆଯାଉଛି। ପ୍ଲାଜମାରୁ ଆଲବୁମିନ, ଫାକ୍ଟର-୮, ଫାକ୍ଟର-୯ ପ୍ରସ୍ତୁତ କରାଯାଉଛି। ପ୍ଲାଜମା ପ୍ରତିବଦଳରେ ୟୁନିଟ ପିଛା ରକ୍ତ ଭଣ୍ଡାରକୁ ୧୬୦୦ ଟଙ୍କା ମିଳୁଛି।

ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ। କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ। ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ। ଯାହାଦ୍ୱାରା କି ଅନ୍ୟୂନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ। ସ୍ୱେଚ୍ଛାକୃତ ରକ୍ତଦାନଠାରୁ ବଳି ଅନ୍ୟ କିଛି ନାହିଁ। କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ। ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ।

# ବିବାଦରେ ଟେରେସାଙ୍କ ଏନ୍‌ଜିଓ

୫୪-ଏ, ଏଜେସି ରୋଡ, କୋଲକାତା-୧୬ ସ୍ଥିତ ମିସନାରୀଜ ଅଫ୍ ଚାରିଟୀ (ମଦର ହାଉସ)କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଧିକ ଦୁଇପାଦ ଆଗକୁ ଯାଇ ନିଜଆଡୁ କେନ୍ଦ୍ର ସରକାରଙ୍କ ଉପରେ ଅଭିଯୋଗ କଲେ ଯେ ଏହି ସଂସ୍ଥାର ବ୍ୟାଙ୍କ ଖାତାଗୁଡିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍କ୍ରିୟ କରିଦିଆଯାଇଛି । ଏହା ପରେ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ସୂଚନା ପ୍ରଦାନ କରାଗଲା ତାହା ହେଲା ସଂସ୍ଥାର ବ୍ୟାଙ୍କ ପକ୍ଷରୁ ଜମାଖାତା ବନ୍ଦ କରିବାକୁ ପ୍ରସ୍ତାବ ଆସିଛି, ସରକାରଙ୍କ ପକ୍ଷରୁ ନୁହେଁ। କାରଣ ବିଦେଶୀ ଅନୁଦାନ ଲାଭ କରୁଥିବା ଏହି ସଂସ୍ଥାର କାଗଜପତ୍ର ଠିକ୍ ନାହିଁ, ଡିସେମ୍ବର ୨୦୨୧ ସୁଦ୍ଧା ଅନୁମତି ଅବଧି ଶେଷ ହୋଇଯାଇଛି । ଖାତାକୁ ଚାଲୁରଖିବା ଲାଗି ଯେଉଁ ନିୟମ ରହିଛି ସଂସ୍ଥା ସେହି ନିୟମାନୁସାରେ କାର୍ଯ୍ୟ ନ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ସୂଚନା ଦେଇଥିଲେ। ମାମଲାଟି ହେଲା ମଦର ଟେରେସାଙ୍କ ଦ୍ୱାରା ଏହି ସଂସ୍ଥାଟି ସେବା ମାଧ୍ୟମରେ ଧର୍ମାନ୍ତରଣ କରିଥାଏ। ଅତୀତ ବର୍ଷମାନଙ୍କରେ ଭାରତରେ ଲକ୍ଷଲକ୍ଷ ସଂଖ୍ୟକ ହିନ୍ଦୁଙ୍କୁ ସେବା ଯୋଗାଇଦେବା ନାମରେ ଖ୍ରୀଷ୍ଟିଆନକୁ ଧର୍ମାନ୍ତରିତ କରିଛି । ଯେହେତୁ ମଦର ଟେରେସା ନୋବେଲ ପୁରସ୍କାର ପାଇଥିଲେ ତେଣୁ ତାଙ୍କ ସଂସ୍ଥା ଯାହା କଲେ ବି କେହି କିଛି କରିବେ ନାହିଁ, କେହି କିଛି କହିବେ ନାହିଁ, ସାତଖୁଣ ମାଫ କଲା ପରି ସବୁ ଆଇନକୁ ଫାଙ୍କିଦେଇ କାମ ହୋଇପାରିବ, ତାହା ଠିକ୍ ନୁହେଁ । ଏହା ମଧ୍ୟ ସତକଥା ଯେ ଅତୀତରେ ଏହି ସଂସ୍ଥା ବିରୋଧରେ କେହି କହିବା ଦୂରେ ଥାଉ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବଡ କଷ୍ଟକର ଥିଲା । ଏହି ସଂସ୍ଥା ଉପରେ ଦୃଷ୍ଟି ପକାଇବା ପୂର୍ବରୁ ଭାଟିକାନ ସିଟିର ଲୋକେ ଭିନ୍ନ ଭିନ୍ନ ମାର୍ଗରେ ଥାଇ ଅଦୃଶ୍ୟ ଆକ୍ରମଣ କରୁଥିଲେ ।

ଏବେ ହକ୍ ଆଇ ନାମକ ଏକ ସୋସିଆଲ ମିଡିଆରେ ବିଦେଶୀ ଧନ ଗ୍ରହଣ ଆଇନ (ଏଫସିଆରଏ) ଅନୁଯାୟୀ ମିସନାରୀଜ ଅଫ୍ ଚାରିଟୀ ଯେଉଁ ତଥ୍ୟ ପ୍ରଦାନ କରିଛି, ସେ ବିଷୟରେ ଉଲ୍ଲେଖ କରାଯାଇଛି । ତଥ୍ୟାନୁସାରେ ୭୬ ପୃଷ୍ଠାର ଦଲିଲ ବିଶିଷ୍ଟ ଏହି ସ୍ୱେଚ୍ଛାସେବୀ ସଂସ୍ଥାର ୨୦୨୦-୨୧ର ହିସାବ ଅନୁଯାୟୀ ଗୋଟିଏ ବର୍ଷ ମଧ୍ୟରେ ୪୦୬ଜଣ ଦାତାଙ୍କଠାରୁ ୭୫କୋଟି ୧୯ଲକ୍ଷ ୩ହଜାର ଏକଶହ ଷୋହଳ ଟଙ୍କା ୬୭ପଇସା ପାଇଛି । ଦାତାଙ୍କ ମଧ୍ୟରେ ୩୪୭ ବ୍ୟକ୍ତି ଓ ୫୯ଗୋଟି ସଂସ୍ଥା ରହିଛନ୍ତି । ଆମେରିକାର ମିସନାରୀଜ ଅଫ ଚାରିଟୀ ସଂସ୍ଥାରୁ କେବଳ ୪୪ କୋଟି ୧୯ଲକ୍ଷ କୋଲକାତାର ସଂସ୍ଥାକୁ ଦାନସୂତ୍ରେ ଆସିଛି । ଏହାପରେ ସବୁଠି ବଡ ଦାତା ହେଉଛନ୍ତି ଦକ୍ଷିଣ ଆମେରିକାସ୍ଥିତ ଏକ ବାଣିଜ୍ୟିକ ସଂସ୍ଥା କ୍ରିତି ଫାଇନାନ୍ସ ଯାହା ୧୩କୋଟି ୫୨ଲକ୍ଷ ୮୮ହଜାର ୨୯୦ଟଙ୍କା ଦେଇଛି । ଏହି ବାଣିଜ୍ୟିକ ସଂସ୍ଥାଟି ଦକ୍ଷିଣ ଆମେରିକାର ପାନାମା ସିଟୀରେ କାର୍ଯ୍ୟ କରୁଛି, ଯାହାର ନାମ ପାଣ୍ଡୋରା ପେପର୍ସରେ ରହିଛି ବୋଲି କୁହାଯାଇଛି । ଯାହାର ଠିକଣାଟି ହେଉଛି ଇଷ୍ଟ ୫୩ ଷ୍ଟ୍ରୀଟ, ମାର୍ବେଲ୍ଲା ସ୍ୱିସ ବ୍ୟାଙ୍କ ବିଲଡିଂ ୨ୟ ମହଲା, ରିପବ୍ଲିକ ଅଫ ପାନାମା, ପାନାମା । ଅନ୍ୟ ଏକ ସଂସ୍ଥା ସିମି ଫାଉଣ୍ଡେସନ ଯାହା କ୍ରିତି ଫାଇନାନ୍ସର ମାର୍ଫତ ଠିକଣା ଦେଇଛି ସେ ମଧ୍ୟ ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ମିସନାରୀଜ ଅଫ୍ ଚାରିଟୀକୁ ୩୨କୋଟି ଟଙ୍କା ଦାନ ସୂତ୍ରରେ ପ୍ରଦାନ କରିଛି । କଥା ହେଉଛି ମିସନାରୀଜ ଅଫ୍ ଚାରିଟୀକୁ ଦାନ ଦେଇଥିବା କ୍ରିତି ଫାଇନାନ୍ସର ଦକ୍ଷିଣ ଆମେରିକା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ହେଉଛନ୍ତି ଏଡଗାର୍ଡୋ ଇ.ଡିଆଜ୍ ଯାହାଙ୍କ ନାମ ପାଣ୍ଡୋରା ପେପର୍ସରେ ରହିଛି । ଏଡଗାର୍ଡୋ ପାନାମାର ଅନ୍ୟ ଏକ ସଂସ୍ଥା ବାରୀମିଲ୍ ଇନଭେଷ୍ଟମେଣ୍ଟରେ ମଧ୍ୟ ନିର୍ଦ୍ଦେଶକ ରହିଛନ୍ତି । ସେହି କମ୍ପାନୀର ଅଂଶଧନ ୱୋର୍ଲ୍ଡଟର ନିର୍ଦ୍ଦେଶକ ହବିଲ ଫଖରୁଦ୍ଦୀନ ଖୋରାକିୱାଲାଙ୍କ ପରିବାରବର୍ଗଙ୍କ ନାମରେ ରହିଛି ଏବଂ ତାଙ୍କ ପରିବାର ପାନାମାର ସଂସ୍ଥାରେ ୨୦ ମିଲିଅନ ଡଲାର ଅଂଶଧନ ରଖିଛନ୍ତି, ଯାହା ଦୁର୍ନୀତିର ତାଲିକାରେ ରହିଛି । ଏକଥା ସତ ଯେ ୨୫୦ରୁ ଅଧିକ ବ୍ୟାଙ୍କ ଖାତାରୁ ମିସନାରୀଜ ଅଫ୍ ଚାରିଟୀ କୋଲକାତାର ସଂସ୍ଥାକୁ ଗତ ୧୫ବର୍ଷରେ ୧୦୯୯ କୋଟି, ଗତ ୫ବର୍ଷରେ ୪୨୬କୋଟି ଏବଂ ଗତ ଗୋଟିଏ ବର୍ଷରେ ୭୫ କୋଟି ଅର୍ଥ ଆସିଛି । ଏହି ସଂସ୍ଥାକୁ ଟ୍ରଷ୍ଟି ଅଫ ଦି ସୋସାଇଟୀ ଅଫ୍ ଦି ମିସନାରୀଜ ଅଫ ଚାରିଟୀ ପାଖରୁ ୫କୋଟି ୩୭ଲକ୍ଷ ୯୯ହଜାର ୫୨୮ଟଙ୍କା, ମିସନାରୀଜ ଅଫ ଚାରିଟୀ ଲୋନ୍ ପାଖରୁ ୩କୋଟି ୯୦ଲକ୍ଷ, ଜୁଚି ଫାଉଣ୍ଡେସନ ୭୭ଲକ୍ଷ ୬୪ହଜାର ୯୮୮ଟଙ୍କା, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ ୭୦ଲକ୍ଷ, ଏଡଭୋକାଥୁସେଟ ହୋର୍ଟେନ ୬୫ଲକ୍ଷ ୫୫ ହଜାର ୮୯୯ ଟଙ୍କା, ୟୁଏଲଏମ୍ ଫାମିଲୀ ଫାଉଣ୍ଡେସନ ୬୩ଲକ୍ଷ ୬୫ହଜାର ୩୭୮ଟଙ୍କା, ଚୁଜି ଫାଉଣ୍ଡେସନ ମୁଖ୍ୟାଳୟ ୪୯ଲକ୍ଷ ୧୦ହଜାର ୯୯୦ଟଙ୍କା ଦେଇଛନ୍ତି । ଆମେ ୧୦ଜଣ ଦାତାଙ୍କ ତାଲିକା ଦେଲୁ । ଏମିତି ଏହି ତାଲିକା ଖୁବ୍ ଲମ୍ବା ରହିଛି । କଥା ହେଉଛି ପୃଥିବୀର ଟିକସ ଚୋରୀ ପାଇଁ କୁଖ୍ୟାତ ପାନାମା ସିଟୀର ଏହି ଅଳ୍ପ ପରିଚିତ କମ୍ପାନୀ କିମ୍ବା ବ୍ୟକ୍ତି ବିଶେଷ କିପରି ଏତେ ବଡ ପରିମାଣର ଅର୍ଥଦାନ କରିଛନ୍ତି ତାହା ହେଉଛି ସନ୍ଦେହର ବିଷୟ, ଅନୁସନ୍ଧାନ ସାପେକ୍ଷ । କାରଣ ବାରିମିଲର ଦୁଇ ନିର୍ଦ୍ଦେଶକ ଏବଂ ଏଡିଗାର୍ଡୋ ପାନାମାର ଅନ୍ୟ ଏକ କମ୍ପାନୀ ପୁରଉଡ ଇନଭେଷ୍ଟମେଣ୍ଟରେ ନିର୍ଦ୍ଦେଶକ ରହିଛନ୍ତି । ଏହିସବୁ ସଂସ୍ଥାର ଆଇନଗତ କାର୍ଯ୍ୟ ଏଲେମେନ୍, କୋର୍ଡେରୋ, ଗାଲିଣ୍ଡୋ ଏଣ୍ଡ ଲି ହାତରେ ରହିଛି । ପୂର୍ବରୁ ପାଣ୍ଡୋରା ପେପର୍ସ ଦୁର୍ନୀତିରେ ଥିବା ସଂସ୍ଥାର ନାମରେ ଭାରତର କିଛି ସଂସ୍ଥାଙ୍କ ସଂପୃକ୍ତି ରହିଥିବା ନେଇ ଅତୀତରେ ସମ୍ବାଦ ପ୍ରକାଶ ପାଇଛି । ଏ ବିଷୟରେ ଭାରତ ସରକାର ଅଧିକ ଅନୁସନ୍ଧାନ କରିବାକୁ ଦାବି ମଧ୍ୟ ଉଠିଛି । ଏବେ ଯଦି ସନ୍ଦେହଜନକ କାର୍ଯ୍ୟରେ ଲିପ୍ତ ଥିବା ଏହିସବୁ ସଂସ୍ଥାଗୁଡିକର ଅର୍ଥ ଦାନସୂତ୍ରରେ ଭାରତର ଏକ ସଂସ୍ଥାକୁ ଆସିଛି, ତେବେ ସେହି ସଂସ୍ଥାର ମଧ୍ୟ ସେହିସବୁ ବିଦେଶୀ ସଂସ୍ଥାଗୁଡିକ ସହ ଅନୈତିକ ସଂପର୍କ ରହିଥିବା ସମ୍ଭବ, ଏଥିରେ ସନ୍ଦେହ କରିବାର ନାହିଁ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଦେଶରୁ ଅନୁଦାନ ଲାଭ କରୁଥିବା ଏନ୍‌ଜିଓ (ସ୍ୱେଚ୍ଛାସେବୀ ସଂଗଠନ)ଗୁଡିକ ୩୧ ଡିସେମ୍ବର ୨୦୨୧ସୁଦ୍ଧା ସେମାନଙ୍କ ଜମାଖାତା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଖୋଲିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ। ବିଦେଶୀ ଅନୁଦାନ ଲାଭ କରୁଥିବା ଦେଶର ୨୨୮୩୦ ଗୋଟି ପଞ୍ଜିକୃତ ଏନ୍‌ଜିଓ ମଧ୍ୟରୁ ପ୍ରାୟ ୧୯୦୦୦ ବ୍ୟାଙ୍କ ଜମାଖାତା ଖୋଲିଥିଲେ ହେଁ ଅନେକ ସଂସ୍ଥା ଏପର୍ଯ୍ୟନ୍ତ ତାହା କରିନାହାନ୍ତି । ବିଦେଶୀ ଅନୁଦାନ ଆଇନ ୨୦୨୦ର ସଂଶୋଧନ ଅନୁଯାୟୀ ଏହା କରିବା ବାଧ୍ୟତାମୂଳକ। ପୂର୍ବରୁ ବିଦେଶୀ ଅନୁଦାନ ପାଇଁ ନିୟମିତ ହିସାବ ଦେଖାଉନଥିବା ୬୬୦୦ ଏନ୍‌ଜିଓଙ୍କୁ କେନ୍ଦ୍ର ସରକାର ୨୦୧୬-୨୦ ମଧ୍ୟରେ କଳାତାଲିକାଭୁକ୍ତ କରି ସେମାନଙ୍କ ପଞ୍ଜିକରଣ ରଦ୍ଦ କରିଛନ୍ତି । ଏହିସବୁ ଏନ୍‌ଜିଓଗୁଡିକ ବିରୋଧରେ ଅନୁଦାନ ଅର୍ଥର ଅପବ୍ୟବହାର ସଂପର୍କୀତ ଅନେକ ପ୍ରମାଣ ମିଳିଥିଲା । ଏହି ନିର୍ଦ୍ଦେଶ ବିରୋଧରେ ଚଳିତବର୍ଷ ଜୁଲାଇ ମାସରେ ରାୟ ଦେଇ ଜୁନ୍-୩୦, ୨୦୨୧ପରେ ବାର୍ଷିକ ଆୟ-ବ୍ୟୟ ତଥ୍ୟ ନଦେଇପାରିଲେ ସରକାର କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଥିଲେ । ଫଳରେ ସରକାର ସେହି ସମୟ ୩୧ ଡିସେମ୍ବରକୁ ବୃଦ୍ଧି କରିବାକୁ ବାଧ୍ୟ ହୋଇଥିଲେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତଥ୍ୟାନୁଯାୟୀ ୨୦୧୬-୧୯ମଧ୍ୟରେ ବିଦେଶରୁ ଭାରତର ସ୍ୱେଚ୍ଛାସେବୀ ସଂସ୍ଥା (ଏନ୍‌ଜିଓ)ଗୁଡିକଙ୍କ ନିକଟକୁ ୫୮୦୦୦କୋଟି ଟଙ୍କା ଅନୁଦାନ ଅର୍ଥ ଆସିଥିଲା । ତେବେ ଅନେକ ଅନୁଷ୍ଠାନ କାର୍ଯ୍ୟ ଅପେକ୍ଷା ନିଜ ବାବଦରେ ଅଧିକ ବେହିସାବୀ ଖର୍ଚ୍ଚ କରିଥିବାର ଲକ୍ଷ୍ୟ କରାଯାଇଥିଲା । ଅନେକ ସ୍ଥଳରେ ଏହି ସଂସ୍ଥାଗୁଡିକ ମାଧ୍ୟମରେ ବିଦେଶରୁ ଅର୍ଥ ଆସି ସନ୍ତ୍ରାସବାଦୀଙ୍କ ଅସ୍ତ୍ରଶସ୍ତ୍ର କିଣା ପାଇଁ ମଧ୍ୟ ଯୋଗାଇ ଦିଆଯାଇଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା । ଏପରିକି ଅନେକଗୁଡିଏ ବିକାଶମୂଳକ ସରକାରୀ ପ୍ରକଳ୍ପକୁ ବନ୍ଦକରିବା ପାଇଁ ତଥାକଥିତ ଆନ୍ଦୋଳନର ଷଡଯନ୍ତ୍ର ପାଇଁ ମଧ୍ୟ ଅର୍ଥ ପ୍ରଦାନ ହୋଇଥିଲା । ଅତୀତରେ ତାମିଲନାଡୁର ଆଣବିକ ଶକ୍ତି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଦୁଇବର୍ଷ ଯାଏଁ ଯେଉଁ ଲମ୍ବା ଆନ୍ଦୋଳନ ଚାଲିଥିଲା ତା ପଛରେ ବିଦେଶିଶକ୍ତିଙ୍କ ଏହି ଅନୁଦାନ ରହିଥିବାର ପ୍ରମାଣ ମିଳିଥିଲା । ଉକ୍ତ ପ୍ରକଳ୍ପ ରୁଷିଆର ସହଯୋଗରେ ନିର୍ମିତ ହେଉଥିବାରୁ ଆମେରିକା ଓ ୟୁରୋପର ଅନେକ ରାଷ୍ଟ୍ର ସେହି ପ୍ରକଳ୍ପ ବନ୍ଦ କରିବା ପାଇଁ ଏନ୍‌ଜିଓମାନଙ୍କୁ ଅବିରତ ଆନ୍ଦୋଳନ ଜାରି ରଖିବାକୁ ପ୍ରଚୁର ଅର୍ଥ ଯୋଗାଇ ଦେଇଥିଲେ । ଫଳରେ ଅନେକ ସମୟ ନଷ୍ଟ ହେବା ସହ ପ୍ରକଳ୍ପ ନିର୍ମାଣ ବାଧାପ୍ରାପ୍ତ ହେବା ଯୋଗୁ ଖର୍ଚ୍ଚ ମଧ୍ୟ ବଢିଥିଲା । । ହେଲା ଏହି ସଂସ୍ଥା ଅନେକ ସମୟରେ ବିବାଦରେ ରହିଆସିଛି । ଜୁଲାଇ ୨୦୧୮ରେ ଝାଡଖଣ୍ଡରେ ଏହି ସଂସ୍ଥା ନାମରେ ପିଲା ବିକ୍ରୀ ଅଭିଯୋଗ ଆସିଥିଲା । ଝାଡଖଣ୍ଡ ସିଆଇଡି ବିଭାଗ ପକ୍ଷରୁ ମିସନାରୀଜ୍ ଅଫ ଚାରିଟୀ ସମେତ ଅନ୍ୟ ବିଦେଶୀ ଅନୁଦାନ ପ୍ରାପ୍ତ ଏନ୍‌ଜିଓଙ୍କ ଏଫସିଆ





# ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରାର ସ୍ମାରକି ସଭା



କେନ୍ଦ୍ରାପଡା (ପିଏନ୍): ୧୯୩୪ ମସିହା ମେ ମାସ ୨୭ ରୁ ୨୯ ତାରିଖ ୩ଦିନଧରି ଜାତିର ପିତା ମହାତ୍ମା ଗାନ୍ଧୀ ସ୍ଥାନୀୟ ଗରାପୁର ଡାକବଙ୍ଗଳା ଠାରେ ହରିଜନ ପଦଯାତ୍ରରେ ଆସି ଅବସ୍ଥାନ କରିଥିଲେ । ଏହି ଯାତ୍ରା ସମୟରେ ଗାନ୍ଧିଜୀ ଚାନ୍ଦୋଳର ସଲାର ମଠ ଠାରେ ୨୬ ତାରିଖ ଦିନ ଖୋଲା ପଡିଆରେ ରାତ୍ରରେ ରହି ତା ପରଦିନ ବାଲିଆ, ତିନିମୁହାଣୀ ଆଦି ସ୍ଥାନରେ ସଭା କରିଥିଲେ । ୩୦ ତାରିଖ ଦିନ ବାରିମୂଳ ଗାନ୍ଧୀ ପଡିଆ ଠାରେ ସଭା କରିବା ପରେ ଇନ୍ଦୁପୁରର ଧୂମାତ ଠାରେ ଭକ୍ତବିଳାସ ମଠରେ ହରିଜନମାନଙ୍କୁ ମନ୍ଦିର ପ୍ରବେଶ କରାଇ ଛୁଆଁ ଅଛୁଆଁ ଜାତି ଭେଦକ ଦୂର କରିଥିଲେ । ଉକ୍ତ ଐତିହାସିକ ଦିନକୁ ସବୁଦିନ ମନେ ପକାଇବାକୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ଓ ଉତ୍ତର ଦାୟଦ ସଂଗଠନ ଗରାପୁର ଡାକବଙ୍ଗଳା ଠାରେ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା କମିଟିର ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ଅନୁଷ୍ଠାନ କିପରି ସବୁଦିନ ବଞ୍ଚି ରହିବ ଓ ଉତ୍ତର ପିଢିଙ୍କୁ ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରିବା ପାଇଁ ଉତ୍ତର ଦାୟଦମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି କେନ୍ଦ୍ରାପଡା ବିକାଶ ସାମୁଖ୍ୟର ସମ୍ପାଦକ ଅଜୟ ସାମଲ ଆଗାମୀ ଦିନରେ ସମସ୍ତେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନନୀୟ ଅତିଥି ବିପିନ ବିହାରୀ ବାରିକ, ଦାୟଦ ସଂଘର ସଭାପତି କୁଳମଣୀ ରାଉତ, ପରିବେଶବିତ୍ ତଥା ସମାଜସେବୀ ନିକିରାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେହେରା ବକ୍ତବ୍ୟ ରଖିଥିଲେ । ସ୍ୱାଧୀନତା ସଂଗ୍ରାମୀ ସମିତିର ସମ୍ପାଦକ ଗୋପାଳ କୃଷ୍ଣ ଜେନା ସମ୍ପାଦକୀୟ କ୍ରମରେ ୩ଟି ପ୍ରସ୍ତାବ ରଖିଥିଲେ । ସେଗୁଡିକ ହେଲା ଡାକବଙ୍ଗଳା ଛକକୁ ଗାନ୍ଧୀଛକ ଘୋଷଣ, ଗୁଲନଗରଠାରୁ ଇନ୍ଦୁପୁର ରାସ୍ତାର ନାମ ଗାନ୍ଧୀମାର୍ଗ ଓ ପ୍ରତିବର୍ଷ ମେ ମାସ ୨୮ ତାରିଖକୁ ପଦଯାତ୍ରା ଦିବସ ଭାବେ ସରକାର ପାଳନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦାୟଦ ସଂଘ ସମ୍ପାଦକ ପଦ୍ମନାଭ ଦାସ, ରମଣୀ ରଞ୍ଜନ ରାଉତ, ଆଦିକନ୍ଦ ରାଉଳ, ସୁରେଶ ପଟ୍ଟନାୟକ, ବୈଷ୍ଣବ ଚରଣ ସ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ଅମୂଲ୍ୟ ସାହୁ, ନିରଞ୍ଜନ ସାହୁ, ଅକ୍ଷୟ ରାଉତ, ପ୍ରଦୀପ ଦାସ, ଗଦାଧର ନାୟକ, କୃପାସିନ୍ଧୁ ଦାସ, ସସ୍ମିତା ମିଶ୍ର, କାର୍ତ୍ତିକ ମଣ୍ଡଳ, ବଳରାମ ସାହୁ, ମୁକ୍ତାର ଖାଁ, ବସନ୍ତ ପଲେଇ, ନେତ୍ରାନନ୍ଦ କର ଆଦି ଦାୟାଦମାନେ ଯୋଗ ଦେଇଥିଲେ । ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ ।

## ନମୁନା ସଂଗ୍ରହ ପରେ ଘିଅ କାରଖାନା ସିଲ୍

ବାଲେଶ୍ୱର (ପିଏନ୍)- ବାହାନଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ଥିବା ଏକ ଘିଅ ପ୍ରସ୍ତୁତ କାରଖାନାରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯିବା ପରେ ପୁଲିସ ପକ୍ଷରୁ ଉକ୍ତ କାରଖାନାକୁ ସିଲ୍ କରିଦିଆଯାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଓ ପୁଲିସ ମିଳିତ ଭାବରେ ଉକ୍ତ କାରଖାନାରେ ଚଢ଼ଉ କରି ସେଠାରେ ପ୍ରସ୍ତୁତ ହେଉଥିବା ଦୁଇଟି ବ୍ରାଣ୍ଡର ଘିଅ, ଚାହା ଓ ସୋୟାବଡ଼ିର ନମୁନା ସଂଗ୍ରହ କରାଯାଇ କାରଖାନାର କାଗଜ ପତ୍ର ଯାଞ୍ଚ କରାଯାଇଥିଲା। କାରଖାନାରୁ ସଂଗ୍ରହ ହୋଇଥିବା ନମୁନା ଭୁବନେଶ୍ୱରସ୍ଥିତ ନମୁନା ପରୀକ୍ଷାଗାରକୁ ପଠାଯାଇ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାଯାଇଛି। ପୁଲିସ କାରଖାନାକୁ ସିଲ୍ କରିଛି।

## —'ମୁଁ ଶିକ୍ଷାକର୍ମୀ କହୁଛି' ଉନ୍ମୋଚିତ—
## ଶିକ୍ଷୟିତ୍ରୀ ପ୍ରେମଶୀଳା ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା (ପିଏନ୍): ନରଣଗଡ଼ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଖୋର୍ଦ୍ଧାର ବିଭିନ୍ନ ସାହିତ୍ୟ ସଂଗଠନର ସଦସ୍ୟା ଶ୍ରୀମତୀ ପ୍ରେମଶୀଳା ରାଉତରାୟଙ୍କୁ ବିଦ୍ୟାଳୟ ପରିସରରେ ଉଚ୍ଛ୍ୱସିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଳବାଇ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବାନ ଶ୍ରୀଚନ୍ଦନ, ରାଜ୍ୟ ୟୁଜି ମିଇ ସ୍କୁଲ ଶିକ୍ଷକ ସଂଘ ସମ୍ପାଦକ ରବି ଶତପଥୀ, ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ଦେବରାଜ ପ୍ରଧାନ, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, ଭୁବନେଶ୍ୱର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଧୃଶାସନ ବଳବନ୍ତରାୟ, ବିଶ୍ୱ ଜୀବନ ସେବା ସଂଘର ସମ୍ପାଦକ ବୈଦ୍ୟନାଥ ବରାଳ, ସାହିତ୍ୟିକ ରମେଶ ଚନ୍ଦ୍ର ପାତ୍ର, ଓରବରସିଂ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିବାକର ପଟ୍ଟନାୟକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷୟିତ୍ରୀ ତଥା ସିଆରସିସି ଥିଲେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ବାରିକ, ଭାଗିରଥି ପଟ୍ଟନାୟକ, ଅମୀୟ ପରିଡ଼ା, ସରୋଜିନୀ ସାହୁ, ବିକ୍ରମ କେଶରୀ ଚମ୍ପତି, ନଳିନୀ ଦାଶ, ପ୍ରଭାତ କୁମାର ଦାଶ, ରଶ୍ମୀରାଣୀ ଖୁଂଟିଆ, ତମାଳ ଦେଇ, କଳ୍ପନା ବିଧାର ଓ ଗୋବର୍ଦ୍ଧନ ରଣଜିତ୍ ପ୍ରମୁଖ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କର ବହୁମୁଖୀ ଗୁଣାବଳୀ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀମତୀ ରାଉତରାୟଙ୍କର ଏକ ପୁସ୍ତକ 'ମୁଁ ଶିକ୍ଷାକର୍ମୀ କହୁଛି' ଉନ୍ମୋଚିତ ହୋଇଥିଲା। ଶିକ୍ଷକ ଶୁଭ୍ରାଂଶୁ ରଂଜନ ପାଲଟାସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ

ଗୋଲାବନ୍ଧ (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟପଡା ଗ୍ରାମରେ ଶ୍ରୀ ଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ ଗତ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିନରେ ଭଗ୍ୟ କଳସ ଯାତ୍ରା ଓ ଗୀତାଯଜ୍ଞ ସମେତ ନାମ କୀର୍ତ୍ତନ କରାଯାଇଥିଲା । ଏଥିରେ ସର୍ବଶ୍ରୀ କମଳ ଲୋଚନ ପଣ୍ଡା, ସୁଜିତ କୁମାର ପଣ୍ଡା, ଦେବବ୍ରତ ପଣ୍ଡା, ଅଭିଜିତ ପଣ୍ଡା ପ୍ରମୁଖ ପୂଜାପାଠ ଓ ଗୀତା ପାଠ କରିଥିଲେ । କର୍ତ୍ତା ଓ କର୍ତ୍ତ୍ରୀ ଭାବେ ନାରଦ ନାୟକ ଓ ତାଙ୍କର ସହଧର୍ମିଣୀ ରଶ୍ମିତା ନାୟକ ଦାୟିତ୍ୱ ତୁଲାଇ ଥିଲେ । ଆଖପାଖରୁ ଅନେକ ଭାଗବତ ପ୍ରେମୀ ଓ ଶ୍ରଦ୍ଧାଳୁମାନେ ଏଥିରେ ଯୋଗଦେଇ ଠାକୁରଙ୍କ ଅମୃତବାଣୀ ଶ୍ରବଣ କରିଥିଲେ । ଭାଗବତ ଟୁଙ୍ଗୀର ତତ୍ତ୍ୱାବଧାରକ କାର୍ଯ୍ୟକ୍ରମର ପ୍ରମୁଖ ଜୟଦେବ ପଣ୍ଡା ସମସ୍ତ ଦାୟିତ୍ୱକୁ ସଠିକ୍ ଭାବେ ତଦାରଖ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ନଭେମ୍ବର ୮

# ପ୍ରଦୂଷଣ ମୁକ୍ତ ଦୀପାବଳି



ଡ଼ଃ.ଅରୁନ୍ଧତୀ ଦେବୀ

ପୌରାଣିକ କଥା କାହାଣୀ ଅନୁଯାୟୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷର ବନବାସ ପରେ ନିଜ ଅଯୋଧ୍ୟା ଜନ୍ମମାଟିକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ସମଗ୍ର ଅଯୋଧ୍ୟାବାସୀ ଶୁଭ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋକମାଳାରେ ଏହି ଦିନଟିକୁ ସ୍ମରଣୀୟ କରିଥିଲେ। ପରବର୍ତ୍ତୀ ସମୟରେ ସମଗ୍ର ଭାରତ ବର୍ଷରେ ଆନନ୍ଦ, ଉଲ୍ଲାସ, ଭାଇଚାରାର ମହାପାର୍ବଣ ରୂପରେ ଏହି ଦିବସଟିକୁ ପାଳନ କରାଯାଉଛି। ଆମ ପ୍ରାଚୀନତମ ସଂସ୍କୃତି ସବୁବେଳେ ଜ୍ଞାନ, ସେବା ଓ କର୍ମମୟ ଆଦର୍ଶଣୀୟ ଜୀବନର ପ୍ରଦୀପକୁ ଆମ ମାନଙ୍କ ହୃଦୟ ଭିତରେ ଚେତନାସିକ୍ତ କରି ଅହରହ ପ୍ରଦୀପକୁ ପ୍ରଜ୍ୱଳିତ କରୁଥାଏ। ତେବେ ପରବର୍ତ୍ତୀ ସମୟରେ ଏହି ଦୀପାବଳିର ଆକାର ପ୍ରକାର ଓ ବ୍ୟାପକତା ବୃଦ୍ଧି ପାଇଲା, ଯାହାର ପରିଣାମ ସ୍ୱରୂପ ଏହି ଆନନ୍ଦ ଓ ଉଲ୍ଲାସର ପାର୍ବଣ ପ୍ରଦୂଷଣର ପାର୍ବଣ ଭାବେ ପରିଚିତ ହେବାକୁ ଯାଉଛି। ଆଜି ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ନୂଆଦିଲ୍ଲୀ ଓ ନିକଟବର୍ତ୍ତୀ ଅଞ୍ଚଳରେ କେବଳ ବାଣ ବିକ୍ରି ଉପରେ ରୋକ ଲଗାଇ ନାହାଁନ୍ତି ବରଂ ସମଗ୍ର ଦେଶରେ ଚଳିତ ବର୍ଷ ବାଣ ଫୁଟା ଉପରେ ରୋକ ଲଗାଇଛନ୍ତି। ଯାହାକି ନିଶ୍ଚିନ୍ତ ଭାବେ ଏକ ଉଲ୍ଲେଖନୀୟ ଓ ଐତିହାସିକ ରାୟ କୁହାଯିବ। ଆଲୋକର ପର୍ବ ଦୀପାବଳିରେ ବାଣ ଫୁଟିଲେ ଦିଲ୍ଲୀରେ ପ୍ରଦୂଷଣ ବୃଦ୍ଧି ପାଉଛି। ଗତବର୍ଷ ଦୀପାବଳି ପରେ ଦିଲ୍ଲୀ ସହରରେ ପ୍ରଦୂଷଣର ମାତ୍ରା ଏତେ ବଢ଼ିଗଲା ଯେ ଏକ ପ୍ରକାର ବିଷାକ୍ତ ବଳୟ ସୃଷ୍ଟି ହେଲା। ଏହା କେବଳ ଦିଲ୍ଲୀର କଥା ନୁହେଁ ସମଗ୍ର ଭାରତରେ ଦୁଃଖଦାୟକ ପରିବେଶକୁ ସମସ୍ତେ ଗ୍ରହଣ କରିବା ପାଇଁ ଏକ ପ୍ରକାର ବାଧ୍ୟ ହେଉଛନ୍ତି। ସବୁଠାରୁ ବଡ଼ କଥାଟି ହେଉଛି ଭାରତରେ ଚଳିତ ବର୍ଷ କ୍ରିକେଟ ବିଶ୍ୱକପ ଚାଲୁଥିବାବେଳେ ଦିଲ୍ଲୀର ଏହି ଭୟାବହ ପ୍ରଦୂଷଣ କୁହୁଡ଼ି ମିଶା ଧୂଆଁ ପାଇଁ ଦୁଇ କ୍ରିକେଟ ଦଳ ନ ଖେଳିବା ପାଇଁ କ୍ରିକେଟ କଣ୍ଟ୍ରୋଲବୋର୍ଡ଼କୁ ଅନୁରୋଧ କରିଛନ୍ତି। ଅନେକ ହୁଏତ ଜାଣିନଥାନ୍ତି ଯେ ଏହି ପ୍ରଦୂଷଣର ସଂସ୍ପର୍ଶରେ ଆସିବା ଦ୍ୱାରା ଗର୍ଭବତୀ ମହିଳାଙ୍କ ଠାରୁ ଛାତ୍ରଛାତ୍ରୀ, ଶିଶୁ ଓ ରୋଗୀମାନେ ନାନା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏହା ହୃଦ୍‌ରୋଗ, ଅନିଦ୍ରା, ଟେନ୍‌ସନ, ଶ୍ରବଣଶକ୍ତି ପରି ବିଭିନ୍ନ ରୋଗର ମଧ୍ୟ କାରଣ ପାଲଟୁଛି। ବ୍ୟସ୍ତବହୁଳ ସହରୀ ଜୀବନରେ ଏହାର ପ୍ରଭାବ ଗୁରୁତର ହୋଇଥାଏ। କେବଳ ନୂଆଦିଲ୍ଲୀ ନୁହେଁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ତଥ୍ୟ ଅନୁଯାୟୀ ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦ ଓ ଲକ୍ଷ୍ନୌ ପରି ବଡ଼ ବଡ଼ ସହରରେ ଏହି ପ୍ରଦୂଷଣ ଅତ୍ୟନ୍ତ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି। ବାଣ ବିକ୍ରି ଉପରେ ପ୍ରତିବନ୍ଧକ ଲାଗିବା ଦ୍ୱାରା ବାଣ ବ୍ୟବସାୟୀମାନେ ନିଶ୍ଚିନ୍ତ ଭାବରେ କ୍ଷତିଗ୍ରସ୍ତ ହେବେ। କିନ୍ତୁ ଏହି ଆଲୋକର ପାର୍ବଣରେ ବାଣ ଯେଉଁପରି ରୋଗ ଓ ପ୍ରଦୂଷଣକୁ ବଢ଼ାଇଥାଏ ତାହା ଆମ ମାନଙ୍କ ପାଇଁ ଯେ କେତେ ବିପଦଜନକ ତାହା ପରବର୍ତ୍ତୀ ସମୟରେ ଜାଣିଥାଉ। କେବଳ ଦିଲ୍ଲୀର କଥା ନୁହେଁ ଓଡ଼ିଶା ଓ ଓଡ଼ିଶାର ବିଭିନ୍ନ କଳକାରଖାନା ଥିବା ଅଞ୍ଚଳ, ଖଣି ଅଞ୍ଚଳ ଓ ବ୍ୟସ୍ତବହୁଳ ରାସ୍ତା ଏହିପରି ଅନେକ ସ୍ଥାନରେ ଭୟାବହ ଧୂଳିର ଧୂଆଁ ଲୋକମାନଙ୍କୁ ଅସ୍ତବ୍ୟସ୍ତ କରିଦିଏ ଓ ଏହା ଗାଡ଼ି ଦୁର୍ଘଟଣାର ମଧ୍ୟ ବଡ଼ କାରଣ ପାଲଟିଥାଏ। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଏହି ସମସ୍ୟା ଅତ୍ୟନ୍ତ ଉଦବେଗଜନକ ଭାବେ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ତେବେ ଏହାର ନିରାକରଣ ପାଇଁ ପ୍ରଚୁର ପରିମାଣରେ ବୃକ୍ଷ ରୋପଣ କରିବା ଅତ୍ୟନ୍ତ ଜରୁରୀ, ଗଛ କଟା ଠାରୁ ଦୂରେଇ ରହିବା ବାଞ୍ଛନୀୟ। ଧୂଳି ଓ ଧୂଆଁ ସୃଷ୍ଟି ହେଉଥିବା କାର୍ଯ୍ୟକ୍ରମକୁ ଯଥାସମ୍ଭବ ନିରାପଦ ଭାବେ କରିବା ସହ ସରକାରୀ ନିୟମ କାନୁନ ମାନି ଏହି କାର୍ଯ୍ୟକ୍ରମକୁ ଆଗେଇ ନେଲେ ଆମେ ଧୂଳି ଓ ଧୂଆଁ ବ୍ୟାପକ ଭାବେ, ଏହାକୁ ସାମ୍ନା କରିବା ନାହିଁ। ସେହିପରି ଦିନକୁ ଦିନ ଅନେକ ନିର୍ମାଣାଧୀନ କାର୍ଯ୍ୟ ଚାଲୁ ରହୁଥିବାରୁ ଓ ଅନେକ ସ୍ଥାନରେ ପୁରୁଣା ଆବର୍ଜନା, ଗଛପତ୍ର ଓ ଦହନଶୀଳ ପଦାର୍ଥକୁ ଆମେମାନେ ପୋଡ଼ି ଦେଉଥିବାରୁ ଏଥିରୁ ନିର୍ଗତ ଧୂଆଁ ବ୍ୟାପକ ଭାବେ ସମଗ୍ର ଅଞ୍ଚଳକୁ ପ୍ରଦୂଷିତ କରୁଛି। ତେଣୁ ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ହେବନାହିଁ। କାରଣ ଏ ଦାୟିତ୍ୱ ଆମ ସମସ୍ତଙ୍କର।

ନିକଟରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ତତ୍କାଳ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକ ମାନଙ୍କୁ ସ୍ୱଚ୍ଛ ବାତାବରଣର ହକ ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚୀତ କରିଛନ୍ତି। ସରକାର ଲୋକଙ୍କ ଠାରୁ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ରୀୟ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ଼ର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି। ଯେଉଁ ପିଏମ୍‌ସ୍ତର କେବଳ ୧୦୦ ହେବା ଆବଶ୍ୟକ ହୋଇଥିବାବେଳେ ତାହା ଗତ ସପ୍ତାହରେ ୯୮୬ ଥିଲା। ସେହିପରି ପିଏମ୍ ୨.୫ର ସ୍ତର ୬୦ ବଦଳରେ ୪୨୦ ହୋଇଯାଉଛି ବୋଲି ଟ୍ରିବ୍ୟୁନାଲ ଦର୍ଶାଇଥିଲେ। ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି। ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ଼ କରାଯାଇଥିଲା। ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରଦୂଷଣରୁ ରୋକିବା କେବଳ ସରକାର ବା କୋର୍ଟ କଚେରୀର କାମ ନୁହେଁ, ଏହା ସବୁ ଲୋକଙ୍କର ନୈତିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ। ନିକଟରେ ପ୍ରକାଶ ପାଇଛି ଲାନ୍‌ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ୨୦୨୨ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୧୦.୬ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି ସଂଖ୍ୟାରେ ଅଂଶ ହେଉଛି ୪.୮୧ ମିଲିଅନ୍। ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶୀ ମାରାତ୍ମକ। ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱର ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିଅନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ ପ୍ରତିଶତ ଅର୍ଥାତ୍ ୨.୪ ମିଲିଅନ୍।

ପ୍ରଦୂଷଣ କେବଳ ଯେ ପରିବେଶଜନିତ ପ୍ରସଙ୍ଗ ତାହା ନୁହେଁ। ଏହା ମନୁଷ୍ୟର ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ। ଏହା ମଧ୍ୟରେ ଶେର ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ। ପ୍ରଦୂଷଣ କାରଣରୁ ଭାରତ ଭଳି ନିମ୍ନ ମଧ୍ୟମ ଆୟକାରୀ ବର୍ଗର ରାଷ୍ଟ୍ରଗୁଡ଼ିକରେ ଉତ୍ପାଦନଗତ କ୍ଷତି ଦେଶର ଜିଡ଼ିପିର ୦.୩୨ ପ୍ରତିଶତରୁ ୦୪ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ରିପୋର୍ଟ ଅନୁସାରେ ଅଧିକାଂଶ ପ୍ରଦୂଷଣଜନିତ ମୃତ୍ୟୁ, ଅର୍ଥାତ୍ ୯୨ ପ୍ରତିଶତ ମୃତ୍ୟୁ, ଏହି ବର୍ଗର ଦେଶମାନଙ୍କରେ ହୋଇଥାଏ। ସ୍ୱାସ୍ଥ୍ୟଜନିତ ଜଟିଳ ସମସ୍ୟାମାନ ସୃଷ୍ଟି କରୁଥିବା ଯୋଗୁଁ ଏହା ମଧ୍ୟ ଲୋକମାନଙ୍କର ବ୍ୟୟଭାରକୁ ଯଥେଷ୍ଟ ବଢ଼ାଇ ଦେଇଥାଏ ଯାହା ପରୋକ୍ଷରେ ସେମାନଙ୍କୁ ଦାରିଦ୍ର୍ୟ ଭିତରକୁ ଠେଲି ଦେଇଥାଏ। ଏହା ଯଦି ହୃଦୟ ବା ହାର୍ଟ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କ ଭଳି ଶରୀରର ଅଙ୍ଗଗୁଡ଼ିକୁ ପ୍ରଭାବିତ କରେ, ତାହାଲେ ଛୋଟ ପିଲା ହୋଇଥିଲେ ସେମାନଙ୍କର ଅବବୋଧ/ ସଜ୍ଞାନାତ୍ମକ ସାମର୍ଥ୍ୟ ଏବଂ ବୟସ୍କ ହୋଇଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇବାର ସମ୍ଭାବନା ବଢ଼ି ଯାଇଥାଏ। ମୋଟାମୋଟି ରିପୋର୍ଟରେ ପ୍ରାଣୀ ସମାଜ ଉପରେ ଅନିୟନ୍ତ୍ରିତ ପ୍ରଦୂଷଣର ଭୟାବହ ପରିଣତିକୁ ଦର୍ଶାଯାଇଛି। ତେଣୁ ଅର୍ଥନୀତିକ ଅଭିବୃଦ୍ଧି ନାଁରେ ମାନବ ସମାଜର ସ୍ୱାସ୍ଥ୍ୟ ଓ ମଙ୍ଗଳ ଉପରେ ଅତ୍ୟନ୍ତ ହାନିକାରକ ପ୍ରଭାବ ପକାଉଥିବା ପ୍ରଦୂଷଣକୁ ଅଣଦେଖା କରିବା ଉଚିତ ନୁହେଁ। ନ୍ୟାୟାଳୟ, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ଜରାନିବାସ, ଅନାଥଶ୍ରମ, ଶିଶୁକେନ୍ଦ୍ର ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଶହେ ମିଟର ବ୍ୟାସାର୍ଦ୍ଧ ଭିତରେ ନିଷିଦ୍ଧାଞ୍ଚଳ ଭାବରେ ଆଇନର ବ୍ୟବସ୍ଥା ଥିଲେ ମଧ୍ୟ ଏହା ଅନେକ ସମୟରେ କାର୍ଯ୍ୟକାରୀ ହୋଇନଥାଏ। ଏ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ବିଭିନ୍ନ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଭିନ୍ନ ଭିନ୍ନ ସମୟରେ ନିର୍ଦ୍ଦେଶାବଳୀ ଦେଉଥିଲେ ମଧ୍ୟ ଅନେକ ସମୟରେ ଏହା କାର୍ଯ୍ୟକାରୀ ହୋଇନଥାଏ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ: ୯୯୩୭୧୭୨୮୧୦*

# ମଣିଷ ପଣିଆ



ଭାସ୍କର ବାରିକ୍

ବିଶ୍ୱ ବିଖ୍ୟାତ ଦାର୍ଶନିକ ଆରିଷ୍ଟୋଟଲଙ୍କ ମତରେ, ନ୍ତଗବଭ ସମ୍ବ ବ ସ୍ୱକ୍ଟମସବକ୍ଷ ବଭସଙ୍କବକ୍ଷ. ଐର ଙ୍ଗଷକ୍ଟ କ୍ଷସଙ୍ଗରସ୍ବ ଙ୍ଗସମ୍ବଷକ୍ଟଙ୍କସ୍ବ ସ୍ୱକ୍ଟମସରସ୍ବଚ୍ଛ ସମ୍ବ ରସ-ସ୍ୱଷରକ୍ସ ବ ଭରବସ୍ବସ୍ବ କ୍ଟକ୍ସ ଏକ୍ଟୟନ୍ତ. ଏହାର ଅର୍ଥ ହେଲା ମଣିଷ ଏକ ସାମାଜିକ ପ୍ରାଣୀ । ସମାଜ ବିନା ବାସ କରୁଥିବା ଲୋକ ଗୋଟେ ପଶୁ ହୋଇପାରେ ନହେଲେ ଇଶ୍ୱର । ଏହି ପରିପ୍ରେକ୍ଷୀରେ,ବର୍ତମାନ ସମୟରେ ଆମେ ଯେଉଁମାନେ ପୃଥିବୀରେ ବସବାସ କରୁଛୁ, ଆମକୁ କ'ଣ କୁହାଯିବ ? ଆମେ ମଣିଷ,ପଶୁ ନା ଇଶ୍ୱର ? ନିଶ୍ଚିତ ଭାବରେ ଆମେ ଇଶ୍ୱର ନୁହଁନ୍ତି । ବାକି ରହିଲା ମଣିଷ ଓ ପଶୁ । ପଶୁର ଚ଼ାରିଟା ଗୋଡ, ମଣିଷର ଦୁଇଟି ଗୋଡ଼ । ପଶୁ କଂଚ଼ା ମାଉଁସ ଖାଏ,ଆମେ ମାଉଁସକୁ ମସଲା ଦେଇ ରାନ୍ଧି ଖାଉ । ପଶୁ ଭିତରେ ପାଶବିକତା ଅଛି ,ମଣିଷ ଭିତରେ ଅଧିକ ପାଶବିକତା ଅଛି । ପଶୁ ହିଂସ୍ର ଓ ନିଷ୍ଠୁର, ଆଧୁନିକ ମଣିଷ ଆହୁରି ଅଧିକ ହିଂସ୍ର ଓ ନିଷ୍ଠୁର । ମଣିଷ ଭିତରେ ମଣିଷ ପଣିଆର ଘୋର ଅଭାବ । ନିଜର ସୁବିଧା ଓ ସ୍ୱାର୍ଥ ପାଇଁ ମଣିଷ ଯେକୌଣସି ସ୍ତରକୁ ଯାଇପାରେ ।ନିଜ ଭିତରେ ଥିବା କଂଅଳ ନିଷ୍ପାପ ଶିଶୁଟିର ତଣ୍ଟି ଚ଼ିପି ମାରି ମଣିଷ ପଣିଆର କବର ଖୋଳିପାରେ କେଇ ମୁହୁର୍ତ୍ତରେ ।ଦୟା, ଦାନ,ଧର୍ମ, କ୍ଷମା,ପରୋପକାର ମଣିଷ ପାଇଁ କିଛି ମହତ୍ତ୍ୱ ରଖେନି ବୋଲି ମନେହୁଏ ବେଳେ ବେଳେ ।ଆପେ ବଂଚ଼ିଲେ ବାପର ନାଁ ନ୍ୟାୟରେ ସମସ୍ତେ ନିଜ ନିଜର ରାସ୍ତାରେ । ସହରରେ ଘରକୁ ଘର ଲାଗିଛି । କିନ୍ତୁ ପାଖ ଘର ସହିତ ଆମର ସମ୍ପର୍କ ନାହିଁ ।ଯଦି ବୈାତ୍ କାହାର କିଛି ଜରୁରୀ ଆବଶ୍ୟକତା ପଡ଼ିଲା, କେହି ଜଣେ ବିପଦରେ ପଡ଼ିଲା,ପାଖ ଘରର କବାଟ ଖୋଲେ ନାହିଁ । ହଁ, କାହା ଘର ଭିତରକୁ ଯିବାକୁ ହେଲେ, ଆମକୁ କଲିଂ ବେଲ୍ ମାରି ଅପେକ୍ଷା କରିବାକୁ ହୁଏ । ଅନୁମତି ମିଳିଲେ ଘର ଭିତରକୁ ଯାଇ ହୁଏ । ଏ ହେଉଛି ଆମ ସଭ୍ୟ ସମାଜର ଆଦବକାଇଦା । ସମୟ ଥିଲା ଯେତେବେଳେ ଅପା,ନାନୀ,ଦାଦା, ଭାଇ ଡାକି ଡାକି ଆମେ ସିଧାସଳଖ ଘର ଭିତରକୁ ପଶି ଯାଉଥିଲୁ। କିଛି ସନ୍ଦେହ କି ଅସୁବିଧା ନଥିଲା । ଏ ରୋଗ ଏବେ ଗାଁ ପରିବେଶରେ ବି ଦେଖିବାକୁ ମିଳିଲାଣି । ଏସବୁ ପଛରେ କାରଣ ହେଉଛି ଅବିଶ୍ୱାସ, ସନ୍ଦେହ,ଚୋରି, ଡକାୟତି, ଦୁଷ୍କର୍ମ ଇତ୍ୟାଦି । ଦିନକୁ ଦିନ କୁକର୍ମ ବଢ଼ି ବଢ଼ି ଚ଼ାଲିଛି ଓ ସେହି ଅନୁସାରେ ଆମ ମାନଙ୍କର ଆଚ଼ାର ବ୍ୟବହାରରେ ଘୋର ପରିବର୍ତ୍ତନ ଦେଖା ଦେଉଛି । ନିଜର ତଥା ନିଜ ପରିବାରର ସୁରକ୍ଷା ପାଇଁ ଆମେ ବହୁ ଭାବରେ ଚ଼ିନ୍ତିତ ।କଥା ଉଠୁଛି, ଏସବୁ କୁକର୍ମ କରୁଛି କିଏ ? ସିଧା ଉତ୍ତର ମଣିଷ । କୁରାଢ଼ି ସହିତ ଯଦି କାଠର ବେଣ୍ଟ ଲାଗି ନଥାଆନ୍ତା, ତାହେଲେ କୁରାଢ଼ି କେବେ ଗଛକୁ ହାଣି ପାରନ୍ତାନି । ତେଣୁ କାଠ ହିଁ କାଠକୁ ହାଣୁଛି । ସେମିତି ମଣିଷ ହିଁ ମଣିଷର ଶତ୍ରୁ । ଅଧିକାଂଶ କ୍ଷେତ୍ରରେ ଦେଖା ଯାଉଛି , ବଧୂ ହତ୍ୟା ବା ନିର୍ଯାତନା ମାମଲାରେ ,ବହୁଟିର ଶାଶୁ ଓ ନଣନ୍ଦଙ୍କ ହାତ ଅଧିକ । ଏମିତି ଘଟଣା ପାଠକମାନେ ନିଶ୍ଚିତ ଦେଖିଥିବେ । ରାସ୍ତାରେ ଯଦି କୋ ?ଣସି ଲୋକ ଦୁର୍ଘଟଣାରେ ଆହତ ହୋଇଥାଏ, ବହୁତ ଲୋକ ଆଇନ୍ କାନୁନ୍ ଫାନ୍ଦରେ ଛନ୍ଦି ନହେବା ଭୟରେ ନଅଟକି ଗାଡ଼ିର ବେଗ ବଢେଇକି ପଳେଇ ଯାଆନ୍ତି । ଯେଉଁ କେତେଜଣ ଅଟକନ୍ତି, ସେମାନଙ୍କ ଭିତରୁ ଅଧିକାଂଶ ଦେଖଣାହାରୀ । ମାତ୍ର ହାତଗଣତି କେତେଜଣ ଆହାତ କ୍ଷତାକ୍ତ, ରକ୍ତାକ୍ତ ଲୋକଟି ପାଇଁ ସାହାଯ୍ୟର ହାତ ବଢାନ୍ତି ।ସେମିତି ଏକ ଘଟଣା ଏଇ କେତେଦିନ ତଳେ ଏ ଅଧମର ନଜରକୁ ଆସିଥିଲା । ଦୁର୍ଘଟଣାରେ ଗୁରୁତର ଆହତ ହୋଇ ରକ୍ତ ଜୁଡୁବୁଡୁ ହୋଇ ରାସ୍ତା କଡ଼ରେ ପଡିଥାନ୍ତି ଦୁଇଜଣ । ବୟସରୁ ଲାଗୁଥିଲା ବାପ ଝିଅ ପରି ।ମୁଁ ମୋର ମୋଟର ସାଇକେଲରେ ଫେରୁଥାଏ ଘରକୁ। ଘଟଣା ସ୍ଥଳରେ ଆପଣାଛାଏଁ ବିବେକର ଡାକରାରେ ଗାଡ଼ି ଅଟକେଇଲି । ପାଖକୁ ଯାଇ ଦେଖିଲି ଉଭୟଙ୍କର ଚେତା ନଥାଏ । କିଛି ଲୋକ ସେ ଦୁଇଜଣଙ୍କୁ ଘେରି ଠିଆ ହୋଇଥାନ୍ତି । ମାତ୍ର ଜଣେ ଦୁଇଜଣ ସେମାନଙ୍କୁ ଉଠେଇ ବସେଇବାକୁ ଚେଷ୍ଟା କରୁଥାଆନ୍ତି ମୁହଁରେ ପାଣି ଛିଞ୍ଚି । ଦୁର୍ଘଟଣା ପରେ ଗୋଟିଏ ମୋବାଇଲ ସେଟ୍ ଆହାତ ଦୁଇଜଣଙ୍କ ପାଖରୁ କିଛି ଦୂରରେ ଛିଟିକି ପଡ଼ିଥିଲା । ମୋବାଇଲ୍ କିନ୍ତୁ କାମ କରୁଥିଲା। ସେହି ମୋବାଇଲରେ ଥିବା ନମ୍ବର ଭିତରୁ ଜଣକୁ ଫୋନ୍ କରାଗଲା ଓ ତାଙ୍କ ଘର ଲୋକଙ୍କୁ ଜଣେଇ ଦେବା ପାଇଁ ଅନୁରୋଧ କରାଗଲା ।ନିଶ୍ଚିତ ଭାବରେ ସେହି ଅଜଣା ଦେବତୂଲ୍ୟ ଭାଇମାନଙ୍କୁ ଧନ୍ୟବାଦ ଦେବି ତାଙ୍କର ମହତପଣିଆ ପାଇଁ ଯେଉଁମାନେ ଦୁର୍ଘଟଣା ପରେ ସେ ଜାଗାରେ ଅଟକି ଦୁର୍ଘଟଣାରେ ଗୁରୁତର ଆହତ ଦୁଇଜଣଙ୍କର ସେବାରେ ଲାଗି ପଡ଼ିଥିଲେ ।ଯାହା ହେଉ କିଛି ସମୟ ପରେ ଆମ୍ବୁଲାନ୍ସ ପହଞ୍ଚିଲା ଓ ଉଭୟଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଗଲା ଆମ୍ବୁଲାନ୍ସରେ । ତାପରେ ଘରକୁ ଫେରିଲି ।ଘରେ ପହଞ୍ଚିବା ପରେ ମୋ ସାର୍ଟର କେତେକ ଜାଗାରେ ରକ୍ତ ଦାଗ ଦେଖି ଘରଣୀ ମୋର ପୁରା ଛାନିଆ । ସବୁ କଥା ଶୁଣିବା ପରେ ହସିଦେଇ କହିଲେ ଈଶ୍ୱର ତୁମର ମଙ୍ଗଳ କରନ୍ତୁ ।

ମଣିଷ ପଣିଆ ଯେ ସଂପୂର୍ଣ୍ଣ ମରିଯାଇଛି, ସେଇଟା କହିବା ଭୁଲ୍ ହେବ । ଏବେବି ଅନେକ ମହତ ମଣିଷ ଅଛନ୍ତି। ମଣିଷ ପଣିଆ ଯେ ବଂଚ଼ିଛି,ତାର ଜ୍ୱଳନ୍ତ ଉଦାହରଣ ଆମେ ସମସ୍ତେ ଦେଖିଛନ୍ତି ଗତ ଜୁନ୍ ମାସରେ ବାହାନଗାରେ କରମଣ୍ଡଳ ରେଳଗାଡ଼ିର ଦୁର୍ଘଟଣା ସମୟରେ । ସେଦିନର ସେହି କାଳ ରାତ୍ରୀର କରୁଣ କାହାଣୀକୁ ଯେ ଦେଖିଛି , ସେ ଅନୁଭବ କରିଛି ମଣିଷ ଭିତରେ ମଣିଷ ପଣିଆର ଭାବନାକୁ । ଦୁର୍ଘଟଣା ଘଟିବାର କେଇ ମିନିଟ୍ ଭିତରେ ଘଟଣାସ୍ଥଳରେ ହଜାର ହଜାର ସଂଖ୍ୟାରେ ସାହାଯ୍ୟର ହାତ ଆପଣାଛାଏଁ ଆଗେଇ ଆସିଥିଲା ସେଠିକାର ଲୋକ ମାନଙ୍କର । କିଏ ରେଳଡବାରୁ ଶବ ବାହାରକୁ ବାହାର କରୁଥିଲା ତ କିଏ ଖଣ୍ଡିଆ ଖାବରା ହୋଇ ଚ଼ିତ୍କାର କରୁଥିବା ଯାତ୍ରୀଟିକୁ ପାଣି ପିଏଇ ଡାକ୍ତରଖାନାକୁ ପଠେଇବାର ବନ୍ଦୋବସ୍ତ କରୁଥିଲା । ରକ୍ତ ଦାନ ପାଇଁ ତ ରାତି ଅନିଦ୍ରା ହୋଇ ଶହ ଶହ ଲୋକ ଶୃଙ୍ଖଳାର ସହିତ ଧାଡ଼ିରେ ଠିଆହୋଇ ରହିଥିଲେ । ଏଇତ ମଣିଷ ପଣିଆ ।

ଦୁର୍ଭାଗ୍ୟର ବିଷୟ ଆତଙ୍କବାଦ ଓ ସନ୍ତ୍ରାସବାଦ ଭଳି ନିନ୍ଦନୀୟ ସମସ୍ୟା ମାନବିକତା ଓ ମଣିଷ ପଣିଆକୁ ହତ୍ୟା କରି ମାନବବାଦର କଳିଜା ଉପରେ ଉଗ୍ର ତାଣ୍ଡବ ଲୀଳା ରଚୁଛି। ଯେଉଁମାନେ ଆତଙ୍କବାଦ ଓ ସନ୍ତ୍ରାସବାଦକୁ ଖୁଏଇ ପିଏଇ ବିଶ୍ୱରେ ବାରବାର କ୍ଷତି କରୁଛନ୍ତି, ନୃଶଂସ ହତ୍ୟାକାଣ୍ଡ ଭିଆଉଛନ୍ତି, ସେମାନେ ମଣିଷ ନୁହଁନ୍ତି, ପଶୁଠାରୁ ଆହୁରି ହୀନ । ସେହି ଦୁଇ ଗୋଡିଆ ପଶୁମାନଙ୍କର ଧ୍ୱଂସ ଅନିର୍ବାର୍ଯ୍ୟ । ମଣିଷ ପଣିଆ ଓ ମାନବବାଦକୁ ଅଧିକ ଜାଗ୍ରତ କରିବାକୁ ହେଲେ, ଆମକୁ ଛଳନା କପଟ ଗର୍ବ ଅହଙ୍କାରର କବର ଖୋଳିବାକୁ ହେବ । ସତ୍ୟ ଧର୍ମ ନ୍ୟାୟର ପଥ ବାଛିବାକୁ ହେବ । ପ୍ରତ୍ୟେକ ମଣିଷ ହୃଦୟ ଭିତରେ ଥିବା ଥିବା ଛୋଟିଆ ଶିଶୁଟିର ଯତ୍ନ ନେବାକୁ ହେବ । ସରଳ ନିଷ୍କପଟ ଜୀବନ ଆପଣେଇ ନେବାକୁ ହେବ । ଏଇଠି ମୋର ଇଂରାଜୀ ସାହିତ୍ୟର ମହାନ ପ୍ରକୃତି କବି ଓଡସ୍‌ଓର୍ଥଙ୍କର ଇନ୍ଦ୍ରଧନୁ(Rainbow )କବିତାର କେଇ ଧାଡ଼ି ମନେ ପଡୁଛି ,

«My heart leaps up when
I behold,
A rainbow in the Sky,
So was it when my life began,
So is it now I am a man,
So be it when I shall grow old ,
Or let me die .
The child is father of the man.«

ଅତି ସରଳ ଭାଷାରେ କହିବାକୁ ଗଲେ, ଯେତେବେଳେ ଆମେ କଂଅଳ ବୟସରେ ଥିଲେ,ନୀଳ ବିଶାଳ ଆକାଶ ଛାତିରେ ଇନ୍ଦ୍ରଧନୁ ଦେଖି ଯେମିତି ଖୁସି ହେଉଥିଲେ, ସେମିତି ଖୁସି, ଆନନ୍ଦ ଓ ସରଳତା ପ୍ରତି ମଣିଷର ହୃଦୟରେ ସବୁବେଳେ ବିରାଜମାନ କରୁ । ଯେଉଁଦିନ ଏ ସରଳତାର ମୃତ୍ୟୁ ହେବ, ସେଦିନ ମଣିଷର ଶବର ଜୀବନ ଜିଇଁବା ଆରମ୍ଭ ହେବ। ଶେଷରେ ଏତିକି କହିବି,ହେ ପରମେଶ୍ୱର,ହେ ଇଶ୍ୱର, ପ୍ରତି ହୃଦୟରେ ସରଳତା ଭରିଦିଅ, ମଣିଷ ପଣିଆର ମଧୁର ସଙ୍ଗୀତ ଝଙ୍କୃତ ହେଉ ବିଶ୍ୱର କୋଣ ଅନୁକୋଣରେ ,ତୁମ ହାତ ଗଢା ସବୁଜ ସୁନ୍ଦର ସଭ୍ୟତା ଆହୁରି ମଧୁମୟ ଓ ମାଧୂର୍ଯମୟ ହେଉ ।

ବାସୁଦେବପୁର, ଭଦ୍ରକ ।
ଦୂରଭାଷ ୯୪୩୭୩୨୦୩୫୦

# ଜାତୀୟ ଶିକ୍ଷା ଦିବସ '୨୦୨୩, ଅବସରରେ, ମୌଲାନା ଅବୁଲ କଲାମ ଆଜ଼ାଦଙ୍କର 'ସମୟ ରେଖା' ପ୍ରଦର୍ଶନ



ମୌଲାନା ଅବୁଲ କଲାମ ଆଜ଼ାଦ

ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର ଙ୍କ ଦ୍ୱାରା ୨୦୦୮ ମସିହା ରୁ ନଭେମ୍ବର ୧୧ ତାରିଖ (ମୌଲାନା ଆଜ଼ାଦଙ୍କ ଜନ୍ମ ବାର୍ଷିକୀ )ରେ ସର୍ବ ଭାରତୀୟ ସ୍ତରରେ ପାଳିତ ହେଉଅଛି, 'ଜାତୀୟ ଶିକ୍ଷା ଦିବସ '।

ଏହି 'ଜାତୀୟ ଶିକ୍ଷା ଦିବସ 'ପାଳନର ଉଦ୍ଦେଶ୍ୟ ମୁଖ୍ୟତଃ ଦ୍ୱିବିଧ ଅଟେ କ୍ଷ ପ୍ରଥମେ, ଶିକ୍ଷାର ଆବଶ୍ୟକତା, ଉପାଦେୟତା, ପ୍ରଚ଼ଳିତ ଶିକ୍ଷା ବ୍ୟବସ୍ଥାର ପର୍ଯ୍ୟାଲୋଚ଼ନା, ମୂଲ୍ୟାୟନ ଓ ଜାତୀୟ ସ୍ତରରେ ଉପଯୁକ୍ତ ଗୁଣାତ୍ମକ ଶିକ୍ଷା ଲକ୍ଷ୍ୟ ନିମନ୍ତେ, ଏଥିରେ ଆବଶ୍ୟକୀୟ ପରିବର୍ତ୍ତନ ପାଇଁ ସୁଚ଼ିନ୍ତିତ ପଦକ୍ଷେପ ।

ଦ୍ୱିତୀୟରେ, ଭାରତୀୟ ଶିକ୍ଷା ବ୍ୟବସ୍ଥାର ପଥ ପ୍ରଦର୍ଶକ, ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷା ମନ୍ତ୍ରୀ ସ୍ୱର୍ଗତ ମୌଲାନା ଆଜ଼ାଦଙ୍କୁ ସ୍ମରଣ ଓ ତାଙ୍କ ଯୁଗାନ୍ତକାରୀ ଶିକ୍ଷା ସଂସ୍କାରର ସ୍ମୃତିଚ଼ାରଣ । ବିଦ୍ୟାଳୟ ସ୍ତରରେ, 'ଜାତୀୟ ଶିକ୍ଷା ଦିବସ ' ର ସଫଳ ପ୍ରତି ପାଳନ ନିମନ୍ତେ, ବହୁବିଧ ଶୈକ୍ଷିକ ଆଲୋଚ଼ନା ଓ ବିଶେଷ କରି 'ମୌଲାନା ଆଜ଼ାଦ'ଙ୍କ ଜୀବନାଦର୍ଶନକୁ ଭିତ୍ତି କରି ପ୍ରବନ୍ଧ, ବକ୍ତୃତା, ଚ଼ିତ୍ର କଳା ଓ ଗବେଷଣା ଆଦି ପ୍ରତିଯୋଗିତାର ଆୟୋଜନ କରା ଯାଉଅଛି ।

'ଜାତୀୟ ଶିକ୍ଷା ଦିବସ -୨୦୨୨' ର ଥିମ'ଚେଞ୍ଜିଙ୍ଗ କୋର୍ସ, ଟ୍ରାନ୍ସଫର୍ମିଙ୍ଗ ଏଜୁକେସନକୁ ପାଥେୟ କରି, ପ୍ରକାଶିତ ଓ ପ୍ରଦର୍ଶିତ ହୋଇଅଛି,' ସମୟରେଖା ରେ ମୌଲାନା ଆଜ଼ାଦ' ।

ବିରଞ୍ଚି ନାରାୟଣ ଶତପଥି, ଶିକ୍ଷକ, କରମଙ୍ଗା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ, କୋଣାର୍କ, ଗୋପ ବ୍ଲକ, ପୁରୀ, ପ୍ରସ୍ତୁତ କରିଛନ୍ତି ଏହି ନୂତନ, ଭିନ୍ନ, ତାତ୍ତ୍ୱିକ, ବହୁ ରଙ୍ଗୀୟ ଓ ଚ଼ିତ୍ର କଳା ଯୁକ୍ତ ସମୟ ରେଖା.

ଏହି ସମୟରେଖା ଇଂରାଜୀ ଭାଷା ରେ ପ୍ରସ୍ତୁତ ହୋଇଛି କ୍ଷ ଏହାର ଶିରୋନାମା, 'ମୌଲାନା ଆଜାଦ ଟାଇମ ଲାଇନ 'ରଖାଯାଇଛି ।ଏଥିରେ ଭାରତ ରତ୍ନ, ଆଜ଼ାଦଙ୍କ ସମୟ କାଳ (୧୧.୧୧.୧୮୮୮..... ୨୦.୦୨.୧୯୫୮)କୁ ଅନନ୍ତ ସମୟ ସ୍ରୋତରୁ ୩ ଗୋଟି ସମୟ ସ୍ତମ୍ଭ ଦ୍ୱାରା ଚ଼ିହ୍ନଟ କରାଯାଇ ଅଛି ।

ଶେଷରେ, ପରିବର୍ଦ୍ଧିତ (ବ୍ୟକ୍ତିଗତ ) ସମୟ ସ୍ତମ୍ଭରେ ଆଜ଼ାଦ ଙ୍କ ୬୯ ବର୍ଷ ୩ ମାସ ୧୧ ଦିନର ଜୀବନଚ଼ର୍ଯ୍ୟା ବିସ୍ତୃତ ରୂପେ ବର୍ଣିତ ହୋଇଅଛି ।ମୌଲାନା ଆଜ଼ାଦଙ୍କ ବାଲ୍ୟ କାଳ, ନିଆରା ଶିକ୍ଷା ଗ୍ରହଣ, ବିପ୍ଳବକାରି ସାମ୍ବାଦିକତା, ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ, କାରାବରଣ, କଲମ ଚ଼ାଳନା, ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷା ମନ୍ତ୍ରୀ ରୂପେ କାର୍ଯ୍ୟ, ଶିକ୍ଷା ସଂସ୍କାର,ସର୍ବୋପରି ଧର୍ମ ନିରପେକ୍ଷତା ଆଦି ଏହି ସମୟ ରେଖାରେ ବର୍ଣ୍ଣିତ ହୋଇଅଛି ।ଉକ୍ତ ଜୀବନୀ ଭିତ୍ତିକ ସମୟ ରେଖାରେ, ଆଜ଼ାଦଙ୍କ ଗାନ୍ଧୀ ବାଦୀ ନୀତି, ଅଖଣ୍ଡ ଭାରତର ସ୍ୱପ୍ନ, ସର୍ବ ଧର୍ମ ସମ ଭାବନା ବିଷୟରେ ସୁବିସ୍ତୃତ ରଚ଼ନା ସ୍ଥାନ ପାଇଛି ।

ଶେଷରେ, ଆଜ଼ାଦଙ୍କ ତ୍ୟାଗପୂତ ଅବଦାନ ଓ ଭାରତ ସରକାରଙ୍କ ତରଫରୁ ସେହି ମହାପୁରୁଷଙ୍କୁ ଉପଯୁକ୍ତ ସମ୍ମାନ ଓ ଶ୍ରଦ୍ଧାସୁମନ, ଏହି ସମୟରେଖାର ବିଶେଷତ୍ୱ ଅଟେ ।

ସମୟ ରେଖା ପ୍ରସ୍ତୁତ କାରି, ଶିକ୍ଷକ ଶ୍ରୀ ଶତପଥି କୁହନ୍ତି, ଏକ ଅତ୍ୟଆବଶ୍ୟକୀୟ ଶିକ୍ଷଣ ସାମାଗ୍ରୀ, ଯାହା ଶିକ୍ଷକ ଓ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖେ କ୍ଷ ପ୍ରକଳ୍ପ କାର୍ଯ୍ୟ ଭାବେ ଶତ ପ୍ରତି ଶତ ସଫଳ ପ୍ରମାଣିତ କ୍ଷ ଏଥିରେ ମୋବାଇଲ ଫୋନର ଏକ ମାତ୍ର ପୃଷ୍ଠା ରେ ମହାପୁରୁଷ ଙ୍କ ସମଗ୍ର ସମୟ କାଳ /ଜୀବନୀ ସାରାଂଶ ରେ ସଜ୍ଜିତ । ଆଜିର ସମୟରେ, ଏହାର ଉପାଦେୟତା ଅନିବାର୍ଯ୍ୟ ଅଟେ ।

ଏହା ଏକ ଦଣ୍ଡାୟମାନ (ବ୍ୟକ୍ତିଗତ ) ସମୟ ରେଖା ଅଟେ କ୍ଷ ଏହିପରି ବିଦ୍ୟାଳୟ ସ୍ତରରେ ପାଳନୀୟ ଦିବସ ମାନଙ୍କରେ, ଆବଶ୍ୟକୀୟ ସମୟ ରେଖା, ଯଥା -ଗାନ୍ଧୀ ଜୟନ୍ତୀରେ - ମହାତ୍ମା, ଗୁରୁ ଦିବସରେ -ଡା.ସର୍ବପଲ୍ଲୀ ରାଧାକୃଷ୍ଣନ, ଶିଶୁ ଦିବସ ରେ -ଚ଼ାଚ଼ା ନେହେରୁ, ଜାତୀୟ ଏକତା ଦିବସରେ -ଲୌହ ମାନବ ଆଦି ଶିକ୍ଷକ ଶ୍ରୀ ଶତପଥୀଙ୍କ ଦ୍ୱାରା ଆଗରୁ ପ୍ରସ୍ତୁତ ଓ ପ୍ରଦର୍ଶିତ ହୋଇସାରିଛି ।

ଇଂରାଜୀ ଭାଷାରେ କରା ଯାଇ ଥିବା ଏହି ଶିକ୍ଷଣ ଉଦ୍ଦିପନ ସର୍ବ ଭାରତୀୟ ସ୍ତରରେ ବିଶେଷ ଗ୍ରହଣୀୟ ।ଏଥି ସହିତ, ସାମାନ୍ତରାଳ ସମୟ ରେଖା, ଯାହା ଭାରତର ରାଷ୍ଟ୍ରପତି ଗଣ, ପ୍ରଧାନ ମନ୍ତ୍ରୀ ଗଣ, ଧର୍ମ, ସାହିତ୍ୟ, କଳା, ସଂସ୍କୃତି, ନିର୍ବାଚ଼ନ, ଜନଗଣନା, ପରିସଂଖ୍ୟାନ, ବାତ୍ୟା, ଭୂମିକମ୍ପ ଆଦି ତଥ୍ୟ ଉପସ୍ଥାପନା ପାଇଁ ସର୍ବ ଜନଆଦୃତ ଅଟେ ।ଜାତୀୟ ଶିକ୍ଷା ଦିବସ ଅବସରରେ ଏକ ନୂତନ, ଶିକ୍ଷା ପ୍ରଦୀପନ, ପରିବର୍ତ୍ତିତ ପାଠ୍ୟକ୍ରମ ଓ ଶିକ୍ଷା ରୁପାନ୍ତରୀଣ ରୂପେ ଶିକ୍ଷା ସମାଜକୁ ଉତ୍ସର୍ଗୀକୃତ । ପରିଶେଷରେ ବିଦ୍ୟାଳୟ ସ୍ତରରୁ ସମୟ ରେଖାକୁ ପାଠ୍ୟ ଖସଡ଼ାରେ ସ୍ଥାନୀତ ଓ ଏହାର ବହୁଳ ଆବଶ୍ୟକୀୟ ବ୍ୟବହାର ପାଇଁ, ଶିକ୍ଷା ବିଭାଗ ପ୍ରତିଶୃତି ବଦ୍ଧ ହେବା ସର୍ବାଗୌ ଉଚ଼ିତ ଅଟେ ।

*'ସମୟ ରେଖା' ପ୍ରସ୍ତୁତ କାରୀ*
*ଶିକ୍ଷକ ବିରଞ୍ଚି ନାରାୟଣ ଶତପଥୀ*
*କୋଣାର୍କ*
*୯୨୩୮୨୩୩୦୭୧*

# ବିଶ୍ୱ ପାଇଁ ଆୟୁର୍ବେଦ



ଡା.ନକୁଳ ସାହୁ

ଅଷ୍ଟମ ଆୟୁର୍ବେଦ ଦିବସରେ ଭାରତ ସରକାରଙ୍କ ଆୟୁଷ ବିଭାଗ ଆହ୍ୱାନ ଦେଇଛନ୍ତି ନ୍ତପ୍ରତ୍ୟେକ ଦିନ ପ୍ରତ୍ୟେକଙ୍କ ପାଇଁ ଆୟୁର୍ବେଦନ୍ତ ଆୟୁର୍ବଦେ ଦ୍ୱାରା ସମସ୍ତ ରୋଗର ପ୍ରତିକ୍ରିୟା ଶୂନ୍ୟ, ସୁଲଭ,ଘର ଚାରିପାର୍ଶ୍ୱରୁ,ରୋଷେଇ ଶାଳାରୁ ଚିକିତ୍ସା ପାଇବା ସମ୍ଭବ। ମହିଳା ,ଶିଶୁ,ବୃଦ୍ଧ, ଉଦରାମୟ, ଶ୍ୱସନ ସସ୍ଥାନ, ଚର୍ମ, ବାତ, ପକ୍ଷାଘାତ, ମୂତ୍ର ରୋଗ, ମାନସ ରୋଗ ଓ ପୁରାତନ ରୋଗ ପାଇଁ ଆୟୁର୍ବେଦ ମହୌଷଧି। ଆୟୁର୍ବେଦ ଦିବସ ୨୦୧୬ ମସିହାରୁ ପାଳନ ହୋଇ ଆସୁଛି। ଆନନ୍ଦର ବିଷୟ ଭାରତ ସରକାର ସ୍ଥିର କରିଛନ୍ତି ନଭେମ୍ବର ଦଶ ତାରିଖ ଧନ୍ୱନ୍ତରି ଜୟନ୍ତୀରେନ୍ତରାଷ୍ଟ୍ରୀୟ ଆୟୁର୍ବେଦ ଦିବସନ୍ତ ସହ ଶହେ ଦେଶରେ ଆନ୍ତର୍ଜାତୀୟ ଆୟୁର୍ବେଦ ଦିବସ ପାଳନ କରାଯିବ। ପ୍ରଧାନ ମନ୍ତ୍ରୀଙ୍କ ପରାମର୍ଶ କ୍ରମେ, ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସବୁ ମନ୍ତ୍ରଣାଳୟର ସହଯୋଗରେ ଏହା ପାଳନ ପାଇଁ ସ୍ଥିର କରାଯାଇଛି। ଜି୨୦ ପ୍ରେସିଡେନ୍ସି ଥିମ ନ୍ତବସୁଧୈବ କୁଟୁମ୍ବକମନ୍ତ ଏଣୁ ସାରା ବିଶ୍ୱର ନ୍ତସ୍ୱାସ୍ଥ୍ୟ ପାଇଁ ଆୟୁର୍ବେଦନ୍ତଭାରତର ହୃତ ଗୌରବ ଫେରାଇ ଆଣିବା ପାଇଁ ଦେଶବାସୀ ଆଗ୍ରହାନ୍ୱିତ। ଜୀବ ସୃଷ୍ଟି ପୂର୍ବରୁ ଆୟୁର୍ବେଦ ସୃଷ୍ଟି ହୋଇଛି। ଜୀବ ଜଗତ ନିରାମୟ ଜୀବନ ବିତାଇବା ସହ ଜଗତର ହିତ ସାଧନ ହୋଇପାରିବେ। ଆୟୁର୍ବେଦରେ କେବଳ ମନୁଷ୍ୟ ମାନଙ୍କ ପାଇଁ ନୁହଁ ପଶୁ ପକ୍ଷୀ ଓ ବୃକ୍ଷଲତା ପାଇଁ ମଧ୍ୟ ଚିକିତ୍ସା ରହିଛି।ଏହି ବାର୍ତ୍ତା ସହର ମଧ୍ୟରେ ସୀମିତ ନ ରହି ପଲ୍ଲୀବାସୀଙ୍କ ନିକଟରେ ପହଁଚି ପାରିଲେ;ଗ୍ରାମବାସୀ ଜାଣିପାରିବେ ଆୟୁର୍ବେଦ ଏକ ପ୍ରତିକ୍ରିୟା ଶୂନ୍ୟ ଚିକିତ୍ସା, ଏହା ଆମ ଘର ଚାରି ପାର୍ଶ୍ୱରେ ଉପଲବ୍ଧ ହୋଇ ପାରୁଛି,ଆୟୁର୍ବେଦ ଦ୍ୱାରା ରୋଗକୁ ଚିକିତ୍ସା କରା ନଯାଇ; ରୋଗୀକୁ ଚିକିତ୍ସା କରାଯାଉଛି। ଭାରତ,ବିଷ୍ଣୁପୁରାଣ,ଭାଗବତ,ବାୟୁପୁରାଣରୁ ଜଣାଯାଏ ଭଗବାନ ଧନ୍ୱନ୍ତରି କାର୍ତ୍ତିକମାସ କୃଷ୍ଣପକ୍ଷ ତ୍ରୟୋଦଶୀ ହସ୍ତା ନକ୍ଷେତ୍ରରେ ଆବିର୍ଭୁତ ହୋଇଥିଲେ। ଦେବ ଅସୁର କଳହରେ ସମୁଦ୍ର ମନ୍ଥନ ହୋଇଥିଲା।ଏଥିରୁ ଐରାବତ ହସ୍ତୀ, ଉଚ୍ଚୈଶ୍ରବା ଅଶ୍ୱ, ପାରିଜାତ ପୁଷ୍ପ,ଲକ୍ଷ୍ମୀ,ବିଷ ଓ ଅମୃତ କଳସ ସହ ଭଗବାନ ଧନ୍ୱନ୍ତରି ଆବର୍ଭୁତ ହୋଇଥିଲେ। ଏହି ପବିତ୍ର ଦିନକୁ ସ୍ମରଣ କରି ଜୀବ ଜଗତର ଆରୋଗ୍ୟ କାମନା କରି ଧନ୍ୱନ୍ତରି ପୂଜା ଓ ବ୍ରତ ସମସ୍ତ ବୈଦ୍ୟକୀୟ ଅନୁଷ୍ଠାନରେ ପାଳନ କରାଯାଏ। ଏହି ଦିନ ଧନତେରେସ୍ରା ପାଳନ ପାଇଁ ସ୍ୱର୍ଣ୍ଣ ଅଳଙ୍କାର,ବାସନ କୁସନ କିଣିଲେ ଗୃହର ସମୃଦ୍ଧି ଘଟେ ବୋଲି ପ୍ରବାଦ ଅଛି। ଚତୁର୍ଭୁଜ ପିତ୍ତବସ୍ତ୍ରଂ ସର୍ବାଲଙ୍କାର ଶୋଭିତମ୍, ଧ୍ୟାୟେତ୍ ଧନ୍ୱନ୍ତରିଂ ଦେବଂ ସୁରାସୁର ନମସ୍କୃତମ୍। ଅମୃତ କଳସଧାରୀ ବୈଦ୍ୟବିଦ୍ୟା ପ୍ରସାରୀ, ସୁରଗଣ ସୁଖକାରୀ ଦୈତ୍ୟ ଦର୍ପ ପ୍ରହାରୀ। ମନୁଜ ହିତ ବିଚାରୀ ସର୍ବରୋଗ ପ୍ରହାରୀ ହୃଦୟ ଜଳଧି ମଧ୍ୟେ ଭାତୁ ଧନ୍ୱନ୍ତରିର୍ନଃ। ଆୟୁର୍ବେଦକୁ ଋଷିଗଣ ଦେବତାଙ୍କ ଠାରୁ ଶିକ୍ଷା ଲାଭ କରି, ଜନହିତରେ ପ୍ରଚାର-ପ୍ରସାର କରିଥିଲେ। ଔଷଧ ଚିକିତ୍ସା,ଶିଶୁ ଚିକିତ୍ସା ,ଗ୍ରହ ଚିକିତ୍ସା ,ଶାଳକ୍ୟ (ସାରା ମସ୍ତିଷ୍କର) ଚିକିତ୍ସା ,ଶଲ୍ୟ ଚିକିତ୍ସା,ବିଷ ଓ ବିଷାକ୍ତ ଜୀବ ଦଂଶନ ଜନିତ ଚିକିତ୍ସା ,ବୃଦ୍ଧ ଓ ଅକାଳବାର୍ଦ୍ଧକ୍ୟ ଚିକିତ୍ସା, ବୃଷ୍ୟ ବା ଧ୍ୱଜଭଙ୍ଗ ଚିକିତ୍ସା ଏହି ଆଠଟି ବିଭାଗକୁ ନେଇ ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ଗଢା। ପ୍ରତିକ୍ରିୟା ଶୂନ୍ୟ ଚେରମୂଳ, ଧାତୁ, ରତ୍ନକୁ ନେଇ ଏହି ଚିକିତ୍ସା କରାଯାଏ। ଶରୀରର ସମସ୍ତ ରୋଗର କାରଣ ଗୁଡିକୁ ବାହାର କରିବା,ବୃଦ୍ଧି ବା କ୍ଷୟ ହୋଇଥିବା ବାତ,ପିତ୍ତ,କଫ ଓ ସପ୍ତଧାତୁ ରସ,ରକ୍ତ, ମାଂସ, ମେଦ, ଅସ୍ଥି,ମଜ୍ଜା,ଶୁକ୍ରକୁ ସାମ୍ୟ ଅବସ୍ଥାକୁ ଆଣିବା ପ୍ରକ୍ରିୟାକୁ ପଂଚକର୍ମ କୁହାଯାଏ। ବାନ୍ତି,ଝାଡା,ତୈଳ ଅଭ୍ୟଙ୍ଗ, ନସ୍ୟ ଦ୍ରବ୍ୟ ଶୁଙ୍ଘିବା,ବସ୍ତିଦେବାଏହି ପାଂଚଟି କ୍ରିୟାକୁ ପଂଚ କର୍ମ କୁହାଯାଏ।ଏହା ଏକ ଉତ୍ତମ ଚିକିତ୍ସା। ଭଗନ୍ଦର,ନାଡୀବ୍ରଣ ପାଇଁ କ୍ଷାରସୂତ୍ର ଚିକିତ୍ସା ରହିଛି। ଶ୍ଳୀପଦ,ବାତରକ୍ତ ପାଇଁ ଜୋକ ଦ୍ୱାରା ଚିକିତ୍ସା ରହିଛି ।

ଯୋଗ- ଆଜି ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଓ ଶାରୀରିକ ଆୟାସର ଚିକିତ୍ସା। ପ୍ରଥମେ ମୋ ଦେଶ, ମୋ ଦେଶର ଗୌରବମୟ ବିଜ୍ଞାନ, ଜନସାଧାରଣଙ୍କ ସେବା ଏହି ମନୋଭାବ ଜାଗୃତ ନହେଲେ କୌଣସି ଯୋଜନା ସଫଳ ହେବନାହିଁ। ପରିବେଶର ଜଳ,ବାୟୁ,ମାଟି,ଉତ୍ତାପରୁ ଜୀବସୃଷ୍ଟି ;ସେହି ମହାଭୂତରୁ ଔଷଧ ସୃଷ୍ଟି,ଏହା ଲୋକଙ୍କ ଶରୀର ପାଇଁ ସମ ଧର୍ମ ସମ୍ପନ୍ନ। ଏହି ଔଷଧ ବ୍ୟବହାର କଲେ ବିଦେଶରୁ କିଣା ଯାଉଥିବା କୋଟିକୋଟି ଟଙ୍କାର ଏଲୋପାଥିକର ମୂଳ ଉପାଦାନ କିଣାଯିବା ଆବଶ୍ୟକ ପଡିବ ନାହିଁ। ଦେଶର ଆର୍ଥିକ ସମୃଦ୍ଧି ଘଟିବ। ଆୟୁର୍ବେଦର ମୁଖ୍ୟ ଉଦ୍ଦେଶ୍ୟ ସୁସ୍ଥ ବ୍ୟକ୍ତିକୁ ସୁସ୍ଥ ରଖିବା,ଆତୁରକୁ ଆରୋଗ୍ୟ ଦେବା। ଏହି ଦେବ ଦୂର୍ଲଭ ଆୟୁର୍ବେଦ କେବଳ କେତେକ ଗଛ,ଲତା,ଚେର ମୂଳୀ ମଧ୍ୟରେ ସୀମିତ ନାହିଁ;ଏଥିରେ ଅଛି ଯୋଗ,ଆସନ,ପ୍ରାଣାୟମ, ଦିନଚର୍ଯ୍ୟା, ଋତୁଚର୍ଯ୍ୟା ଓ ସଦାଚାର ମାନବିକ ମୂଲ୍ୟ ବୋଧକୁ ସମାଜରେ ଉପସ୍ଥାପନ ପାଇଁ ଅନେକ ଉପଦେଶ। ଶିଳ୍ପ ସମୃଦ୍ଧି ରାଜ୍ୟ ଗଠନ ନାମରେ ଜଙ୍ଗଲ,ପାହାଡର ଅବକ୍ଷୟ ସହ ଔଷଧୀୟ ବୃକ୍ଷ ଗୁଡିକ ନଷ୍ଟ ହେବାରେ ଲାଗିଛି। ଔଷଧୀୟ ଉଦ୍ୟାନ ସୃଷ୍ଟି କରିବା ଆବଶ୍ୟକ। ପୂର୍ବେ ଯେପରି ବୟୋଜ୍ୟେଷ୍ଠ ମାନେ ସାଧାରଣ ରୋଗରେ ଘରୋଇ ଚିକିତ୍ସା କରୁଥିଲେ;ଅଜିର ଶିକ୍ଷିତ,ଅଶିକ୍ଷିତ,ବିଦ୍ୟାର୍ଥି ଗଛକୁ ଚିହ୍ନିବା ଆବଶ୍ୟକ ମନେ କରୁନାହାଁନ୍ତି। କେଉଁ ଗଛର କି ଗୁଣ ଗାଁ ସ୍ୱାସ୍ଥ୍ୟ କାନ୍ଥରେ ଲେଖାଯିବା ଆବଶ୍ୟକ। ମା'ମାନେ ଘୋରାଘୋରି ପେଢି ବ୍ୟବହାର କରନ୍ତୁ। ଭାରତର ଗୌରବ ମୟ ଚିକିତ୍ସା ବିଜ୍ଞାନ। ସୃଷ୍ଟି ସର୍ଜନା ପର ଠାରୁ ଆୟୁର୍ବେଦ ଜୀବଜଗତକୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ଆସିଛି। ଉଦର,ପୃଷ୍ଠ,ଶିର,ବକ୍ଷ,କର୍ଣ୍ଣ,ନେତ୍ର,ଦନ୍ତ ବ୍ୟଥା ଗୋଟିଏ ଗୋଟିଏ ରୋଗ ଦୁଃଖ ଦାୟକ। ଯଦି ଆମେ ଯନ୍ତ୍ରଣା ନିବାରକ ଆଧୁନିକ ଔଷଧ ଖାଇବା;ଅମ୍ଳପିତ୍ତ, ଉଦରବ୍ରଣ, ଅରଚି ହେବ। ଏଣୁ ଯନ୍ତ୍ରଣା ମୁକ୍ତ ପାଇଁ ମନୁଷ୍ୟ ଦୂରଦୃଷ୍ଟି ନରଖି କିଛି ହେଲେ ଖାଇଦିଏ। କିନ୍ତୁ ପ୍ରକୃତି ଆମକୁ ଅନେକ କିଛି ଦେଇଛି ଆମେ ସେହିଗୁଡିକୁ ନେଇ ସୁଖରେ ବଂଚି ପାରିବା। ପ୍ରତିଟି ବ୍ୟଥା ପାଇଁ ଗୋଟିଏ ଔଷଧ ବ୍ୟବହାର ହୁଏ ନାହିଁ। ସ୍ଥାନ ବିଶେଷରେ ଅଲଗା ଅଲଗା ଦ୍ରବ୍ୟ ଆୟୁର୍ବେଦରେ ବ୍ୟବହାର ହୁଏ। ବ୍ୟଥାର ଜ୍ଞାପକ ମନ ବା ନାଡିତନ୍ତୁ ଏଣୁ ମନକୁ ନିୟନ୍ତ୍ରଣ କଲେ ସର୍ବ ବ୍ୟଥାରୁ ଉପଶମ ପାଇ ପାରିବା; ପଥ୍ୟ ଆହାର,ବିହାର ସେବନ କଲେ ବ୍ୟଥା ଦାୟକ ରୋଗ ହେବ ନାହିଁ। ଗଞ୍ଜା, ଅଫିମ, କରା ସଦ୍ୟ ବ୍ୟଥା ନିବାରକ ଔଷଧ ଏହା ନିୟମିତ ବ୍ୟବହାର କରା ଯାଇ ପାରିବ ନାହିଁ। ଚିକିତ୍ସକଙ୍କ ପରାମର୍ଶରେ ଗୋଡ,ହାତ.ଆଣ୍ଠୁ-ଗଣ୍ଠି,କଟି ବ୍ୟଥାରେ ଆମେ ସଜନା ଛାଲି ରସ, କୋଳଥ, ଶୁଣ୍ଠି, ନିର୍ଗୁଣ୍ଡି ଓ ଜଡାମୂଳ କ୍ୱାଥ ବ୍ୟବହାର କରିପାରିବା। ଗୁଧ୍ରସୀରେ-ଗଙ୍ଗଶିମୁଳୀ। ଉଦର ଶୂଳରେ-ଶୁଣ୍ଠି,ଷୁଆଣୀ,ମୁଥା,ଜାଇଫଳ ବ୍ୟବହାର କରିପାରିବା। ଆଘାତ ଜନ୍ୟ ବ୍ୟଥାରେ-ଆଙ୍କୁଲ, ଘୃତକୁମାରୀ, ଅର୍ଜୁନ, ତେନ୍ତୁଳୀ, ଆମ୍ବକସୀ ଅଦା, କର୍ପୁର, ଜଡା। କର୍ଣ୍ଣଶୂଳରେ-ପାଚିଲା ଅରଖପତ୍ରରସ, ତୁଳସୀ,ଅଦା, କପାମଞ୍ଜି, ଲଶୁନ। ଦନ୍ତ ବ୍ୟଥାରେ-ଲବଙ୍ଗ,ଅଦା,ଲୁଣ, ଅକରକରା, ଡାଲ୍‌ଚିନି। ଶିରଶୂଳରେ-ଅଗସ୍ତି,କପା, କଳାଜୀରା, ପାନରସ,ଡାଲଚିନି,ମୁଥା, ଜାଇଫଳ। ଚକ୍ଷୁ ବ୍ୟଥାରେ-ତେନ୍ତୁଳି ପତ୍ର ସ୍ୱେଦ। ବିଛା ଦଂଶନରେ-ଜୀରା,ଅମୃତଭଣ୍ଡା, ସ୍ୱର୍ଣ୍ଣକ୍ଷୀରୀ, କଂଟାମାରିଷ, ମୁଥା। ମୂତ୍ରରୋଧ ଯନ୍ତ୍ରଣାରେ-ଯବକ୍ଷାର ଆଦି ବ୍ୟବହାର କରି ଆମେ ସୁଖି ରହିପାରିବା। ଏମିତି ଏମିତି ଖଣିଜ, ଜୈବୀକ, ଆନୁପଜ,ଅନେକ ଔଷଧି ରହିଛି। ଯାହାକି ସର୍ବ ସାଧାରଣ ସୁଲଭ ଭାବେ ଏହି ଚିକିତ୍ସାକୁ ଆପଣେଇ ପାରିବେ। ଏ ହି ଅବସରରେ ଭଗବାନ ଧନ୍ୱନ୍ତରିଙ୍କ ଠାରେ ପ୍ରାର୍ଥନା ସମସ୍ତଙ୍କୁ ଆରୋଗ୍ୟ ରଖନ୍ତୁ। ଜଳବାୟୁ ଅନୁକୂଳ ରହୁ। ତାଙ୍କ ଅମୃତ କଳସ ଜୀବ ଜଗତ ପାଆନ୍ତୁ। ସର୍ବେ ସନ୍ତୁ ନିରାମୟାଃ।

ଫୋନ୍-୯୮୬୧୪୫୦୬୧୨




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ୍ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧିକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ମୋ ମାଟି, ମୋ ଦେଶ ଅମୃତ କଳସ ଶୋଭାଯାତ୍ରା ଭୁବେନଶ୍ୱର ପରିକ୍ରମା

ଭୁବନେଶ୍ୱର,(ପି.ଏନ): ସହିଦ ଓ ବଳିଦାନ ଦେଇଥିବା ବୀରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ "ମୋ ମାଟି ମୋ ଦେଶ" କାର୍ଯ୍ୟକ୍ରମ ଅନ୍ତର୍ଗତ ଭୁବନେଶ୍ୱର ର ତିନୋଟି ଯାକ ନିର୍ବାଚନ ମଣ୍ଡଳୀ ରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ତରଫରୁ ସମସ୍ତ ୬୭ ୱାର୍ଡ଼ ଓ ୧୧ ପଂଚାୟତର କୋଣ ଅନୁକୋଣରୁ କଳସରେ ମାଟି ସଂଗ୍ରହ କରାଯାଇଛି। ସଂଗୃହୀତ ମାଟି କଳସକୁ ଏକାଠି କରାଯିବା ପରେ ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀ ପକ୍ଷରୁ ବିଜେପି ବିଧାୟକ ପ୍ରାର୍ଥୀ ବାବୁ ସିଂଙ୍କ ନେତୃତ୍ୱରେ ଟିକରପଡ଼ା ପଞ୍ଚାୟତ ରୁ ସକାଳ ଆଠଟା ରୁ ବିଭିନ୍ନ ପାରମ୍ପରିକ ବାଜା, ଦେଶାତ୍ମବୋଧକ ସଙ୍ଗୀତ ବଜାଇ ବିଶାଳ ଶୋଭାଯାତ୍ରା ରେ ବାହାରି ଇଟିପୁର, ନୂଆଗା, ଲିଙ୍ଗିପୁର, ତାରେକେଶ୍ୱର ମନ୍ଦିର, ସାମନ୍ତରାପୁର, ଲିଙ୍ଗରାଜ ମନ୍ଦିର, ମାଉସୀମା ମନ୍ଦିର, ପୁରୁଣା ବିଏମସି ଅଫିସ, ରବିଟକିଜ୍ ଛକ, ବ୍ରହ୍ମେଶ୍ୱର ଓ ଭାସ୍କେରେଶ୍ୱର ମନ୍ଦିର, ବଡ଼ଗଡ଼ବ୍ରିଟ, ବଡ଼ଗଡ଼ ସ୍କୁଲ ଛକ, ଶ୍ରୀଦେବୀ ଛକ, କଳ୍ପନା ଛକ, ରାଜମହଲ ଛକ, ମାଷ୍ଟରକ୍ୟାଂଟିନ ଛକ ଗୁଡିକରେ ଜନସାଧାଣ ଅମୃତ କଳସ ଶୋଭାଯାତ୍ରା କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ମାଟି ଦେଇଥିଲେ। ସେହିପରି ମଧ୍ୟ ଭୁବନେଶ୍ୱର ପକ୍ଷରୁ ବିଜେପି ନେତା ଜଗନ୍ନାଥ ପ୍ରଧାନ ଙ୍କ ନେତୃତ୍ୱରେ ଅମୃତ କଳସ ଶୋଭାଯାତ୍ରା ବିଭିନ୍ନ ୱାର୍ଡ଼ ବୁଲିଥିଲା। ଉତର ଭୁବନେଶ୍ୱର ପକ୍ଷରୁ ରାଜ୍ୟ ପ୍ରବକ୍ତା ଦିଲ୍ଲୀପ ମହାନ୍ତି ଙ୍କ ନେତୃତ୍ୱ ରେ ଜନତା ମୈଦାଦାନ ରୁ ସକାଳୁ ଅମୃତ କଳସ ଶୋଭାଯାତ୍ରା ବାହାରି ବିଭିନ୍ନ ୱାର୍ଡ ଓ ପଞ୍ଚାୟତ ପରିକ୍ରମା କରିଥିଲା। ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ର ତିନୋଟି ଯାକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ସଗୃହିତ ମାଟିକୁ ଭୁବନେଶ୍ୱର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧନଙ୍କୁ ହସ୍ତାନ୍ତର କରାଯାଇଥିଲ।

ଆସନ୍ତାକାଲି (ଶନିବାର) ସକାଳ ୮ଟାରେ ରାମମନ୍ଦିରଠାରୁ ଏକ ଭବ୍ୟ ଶୋଭାଯାତ୍ରାରେ ସଂଗୃହୀତ ସମସ୍ତ କଳସକୁ ଭୁବନେଶ୍ୱର ରେଳ ଷ୍ଟେସନକୁ ନିଆଯିବା ପରେ ସେଠାରୁ ଏକ ସ୍ୱତନ୍ତ୍ର ଟ୍ରେନରେ ଦିଲ୍ଲୀକୁ ନିଆଯିବ। ଦେଶର ପ୍ରାୟ ୭୫୦୦ରୁ ଉର୍ଦ୍ଧ୍ୱ ସ୍ଥାନରୁ ସଂଗୃହୀତ ହୋଇ ଆସିଥିବା କଳସରୁ ମାଟିକୁ ଏକାଠି କରାଯାଇ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀ ନିକଟରେ ଅମୃତ ବାଟିକାର ସ୍ଥାପନା ଆସନ୍ତା ୩୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ କରାଯିବ।

ଏହି ଅମୃତ କଳସ ଶୋଭାଯାତ୍ରା ରେ ବିଜେପି ନେତା ରାଜେନ୍ଦ୍ର ପଣ୍ଡା, ସୁରେନ୍ଦ୍ର ପ୍ରଧାନ, ସୁନିଲ ପ୍ରଧାନ, ଅରୁଣ କୁମାର ପୁରୋହିତ, ରାମଚନ୍ଦ୍ର ରଣସିଂହ, ଉପେନ୍ଦ୍ର ଭଞ୍ଜ, ସ୍ୱଂୟ ସେବକ ରାୟ, ସୁଜିତ୍ ଦାସ, ସୁଭାଷିନୀ ପୃଷ୍ଟି, ଦାମୋଦର ବେହେରାପ୍ରମୁଖ ଯୋଗଦେଇଥିଲେ।

# ଓଡ଼ିଶା ମିଲେଟ ମିଶନ ପ୍ରସ୍ତୁତ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ପାଇଁ : ଅନ୍ତର୍ଜାତୀୟ ମିଲେଟ୍ସ ଆନ୍ଦୋଳନ ଲକ୍ଷ୍ୟରେ ଆଏ ଏକ ପାଦ

ଭୁବନେଶ୍ୱର,(ପି.ଏନ) : ଗତ ବର୍ଷ ମିଲେଟ ଦିବସ ପାଳନ କରିଥିବା ଓଡିଶା ମିଲେଟ୍ସ ମେଶନ ଠିକ ବର୍ଷକ ପରେ ଏହି ଯାତ୍ରାକୁ ପରବର୍ତୀ ପର୍ଯ୍ୟାୟକୁ ନେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଓଡିଶାର ପ୍ରତିଟି ହୃଦୟରେ ଆଗାମୀ ଦୁଇଦିନ ପାଇଁ ମିଲେଟ୍ସ ସମିଳନୀ ଭରିଦେବ ଏକ ନୂତନ ଚମକ। ଓଡିଶା ମିଲେଟ୍ସ ମିଶନ ଆସନ୍ତା ନଭେମ୍ବର ୯ ଓ ୧୦ ତାରିଖରେ ଭୁବନେଶ୍ୱର ଜନତା ମଇଦାନରେ ଏକ ଭବ୍ୟ ଓ ବିଶାଳ ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀ ଆୟୋଜନ କରୁଅଛି ଯାହାର ଥିମ ହେଉଛି ମିଲେଟ୍ସ - 'ଆଧୁନିକ ଅହ୍ୱାନ ପାଇଁ ପ୍ରାଚୀନ ଶସ୍ୟ'। ଏଥିରେ ସ୍ଥାନୀୟ ଚାଷୀ, ମାତୃ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ ଏବଂ ।ାହୁରି ଅନେକଙ୍କର ଯୋଗଦାନ ମିଲେଟ୍ସ ଗ୍ରହଣୀୟତା ଉପରେ ପ୍ରମୁଖ ପ୍ରଭାବ ପକାଇବ। କାଳ କାଳରୁ ଏହି ଫସଲଗୁଡିକର ଖାଦ୍ୟ ଉପକାରିତାକୁ ବହୁଳ ଭାବରେ ବ୍ୟବହାରରେ ପରିବର୍ତିତ କରିବାପାଇଁ ୨୦୧୭ ମସିହାରେ ଓଡିଶା ମିଲେଟ୍ସ ମିଶନ ଗଠନ କରାଯାଇଥିଲା। ବିଶେଷକରି ଓଡିଶାର ଜନଜାତି ସମୁଦାୟ ଏହି ଉତ୍କୃଷ୍ଟ ଶସ୍ୟକୁ ସାଇତି ରଖିଛନ୍ତି କାରଣ ସମୟ ସମୟରେ ଏହାହିଁ ସେମାନଙ୍କ ଆବଶ୍ୟକତାରେ ପରିବର୍ତିତ ହେବା ସହ ବଂଚିବାତ ଏକମାତ୍ର ଏସ୍ତ ହୋଇଥାଏ। ଏହି ବିବିଧତା ପୂର୍ଣ୍ଣ ସଂଜ୍ଞା ଏବଂ ଶିଳ୍ପ ଅଗ୍ରଣୀ ପଦକ୍ଷେପ ସହିତ, ଓଡିଶା ମିଲେଟ୍ସ ମିଶନ ରାଜ୍ୟର ମିଲେଟ୍ସ ସମ୍ଭାବନାକୁ ପୁନର୍ଜୀବିତ କରିବାର ଲକ୍ଷ୍ୟ ନେଇ ଆଗେଇ ଚାଲିଛି। ୨୦୨୩ ମସିହାକୁ ଆନ୍ତର୍ଜାତିକ ମିଲେଟ୍‌ସ ବର୍ଷ ଭାବରେ ସ୍ୱୀକୃତି ଦେବା ପରେ ମିଳିତ ଜାତିସଂଘ ଓ ଏଫଏଓ ଏହି ସୁପରଗ୍ରେନ ଉପରେ ତୀକ୍ଷଣ ଦୃଷ୍ଟି ରଖିଛି। ଏଣୁ ଏହାର ବିଶ୍ୱବ୍ୟାପୀ ଗ୍ରହଣୀୟତା ଓ ଚାହିଦା ବୃଦ୍ଧି ହେବାରେ ଲାଗଛି। ଓଡ଼ିଶା ମିଲେଟ୍ସ ମିଶନ ଭବିଷ୍ୟତରେ ମିଲେଟ୍ସର ସ୍ୱରୂପ କିପରି ରହିବ ଏବଂ ଆଗାମୀ ପିଢ଼ିର ଖାଦ୍ୟପେୟ ଆବଶ୍ୟକତାରେ ଏହାର ଭୂମିକା କେମିତି ରହିବ ସେସବୁ ଦିଗ ପ୍ରତି ଯଥେଷ୍ଟ ନଜର ରଖିଛି। ଅନ୍ତର୍ଜାତୀୟ ମିଲେଟ୍ସ ସମ୍ମିଳନୀ ଏହାର ସାଂସ୍କୃତିକ ମୂଳ ଜନଜାତି ପରମ୍ପରାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ ପ୍ରଚୁର ପରିମାଣରେ ପ୍ରାଧାନ୍ୟ ଦେବା ସହ ଅବିଚ୍ଛେଦୟ ଅଙ୍ଗ ଭାବରେ ବିବେଚନା କରିବ। ଜନଜାତି ମାନଙ୍କର ମିଲେଟ୍ସ ଉପରେ ଜ୍ଞାନ ତଥା ବି୨ବି ରାଉଣ୍ଡ ଟେବୁଲ ସମ୍ମିଳନୀରେ ମିଲେଟ୍ସ, ଏଫପିଓ ଓ ଅନ୍ୟାନ୍ୟ ସଙ୍ଗଠନ ମଧ୍ୟରେ ଯୋଗସୂତ୍ର ବୃଦ୍ଧି ଆଦି ବିଷୟ ପ୍ରତି ଯଥେଷ୍ଟ ଯନ୍‌ବାନ ରହିବ। ଏହି ସମ୍ମିଳନୀ ନୀତି ନିର୍ଦ୍ଧାରକଙ୍କ ଉପରେ ମହତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ଯାହା ସ୍ଥାନୀୟ ଜନ ସାଧାରଣଙ୍କ ଜୀବିକା ନିର୍ବାହରେ ସାହାଯ୍ୟ କରିବ। ଚାଷୀମାନଙ୍କ ପାଇଁ ବୈଷୟିକ ଏବଂ ବ୍ୟବହାରିକ ପ୍ରଦର୍ଶନ, ଅନ୍ତର୍ଜାତୀୟ ମିଲେଟ ଖାଦୟ ମହୋତ୍ସବ, ବ୍ୟବସାୟ ଅଧିବେଶନ, କଳା ଏବଂ ସଂସ୍କୃତି କାର୍ଯ୍ୟକ୍ରମ ସହିତ ବିକାଶ ଖନ୍ନାଙ୍କ ଭଳି ଆନ୍ତର୍ଜାତିକ ସେଫ୍ ଓ ତିନିଥର ଗ୍ରାମି ବିଜେତା ରିକି କେଜ୍‌ଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଯଥେଷ୍ଟ ସରସ ସୁନ୍ଦର କରି ତୋଳିବ। ୨୦୧୭ରେ ଗଠନ ହେବା ପରଠାରୁ ଓଡିଶା ମିଲେଟ୍ସ ମିଶନ ମିଲେଟ୍ସ ବ୍ୟବହାର ଏବଂ ନାଗରିକ ଦିବସରେ ଏହାର କାର୍ଯ୍ୟକଳାପ ଜାରି ରଖିଛି। ଏହି ପ୍ରସଙ୍ଗରେ ଏକ

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତ୍ତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ସାଂସଦ ପିନାକୀ ମିଶ୍ର, ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ, ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ମୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ମାଲକାନଗିରି ଜିଲ୍ଲାର ପଡିଆ ବ୍ଲକ ଅଫିସ ଘେରିଲା ବିଜେପି

ମାଲକାନଗିରି/ଭୁବନେଶ୍ୱର,(ପି.ଏନ): ମାଲକାନଗିରି ଜିଲ୍ଲାର ନିଲିଗୁଡା, ମାଟେରୁ, ପଡିଆ କାଲଦାପାଲ୍ଲି ଓ ସମିଲି ବାଂଚା ଗ୍ରାମ ପଂଚାୟତରେ ଚାଷ ପାଇଁ କେନାଲ ନଥିବା ଦ୍ୱାରା ପ୍ରତିବର୍ଷ ଫସଲ ନଷ୍ଟ ହେଉଛି। ଚଳିତବର୍ଷ ମଧ୍ୟ କ୍ଷେତକୁ ପାଣିର ଆବଶ୍ୟକତା ଥିବାବେଳେ ବର୍ଷା ନହେବାରୁ ପାଣି ପାଇଁ ଚାଷୀ ହଇରାଣ ହେଉଛି। ବର୍ଷା ଅଭାବରୁ ଧାନ ଗଛ ମରିବାରେ ଲାଗିଲାଣି। ପାଣି ଯୋଗାଇ ନଦେଲେ ଖୁବ ଶୀଘ୍ର ଚାଷ ନଷ୍ଟ ହୋଇଯିବ। ଚାଷ ଜମିକୁ ପାଣି ଦିଆଯାଉ ନଚେତ ଜିଲ୍ଲାକୁ ମରୁଡି ଘୋଷଣା କରାଯାଉ ବୋଲି ରାଜ୍ୟ ବିଜେପି ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି। ମରୁଡି ଘୋଷଣା ଦାବିରେ ଆଜି ଭାରତୀୟ ଜନତା ପାର୍ଟି ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିଛି। ଜିଲ୍ଲାର ଚାଷୀ ମାନଙ୍କ ପାଇଁ କେନାଲ ନିର୍ମାଣ କରାଯାଉ ବୋଲି ଦାବି କରିଛି। ଏଥିସହ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ବିଜେପି ଦାବି କରିଛି।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଙ୍କଷ୍ଟ୍ର;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




# ରକ୍ତହୀନତା ରୋଗର ଭୟାବହତା

ଭୁବନେଶ୍ୱର (ଓଏନ୍ଏସ୍): ଓଡ଼ିଶାର ସବୁଠୁ ଅନଗ୍ରସର ଓ ଗରିବ ଜିଲ୍ଲା ଭାବେ ନବରଙ୍ଗପୁରରର ଯେଉଁ କଳଙ୍କ ରହିଛି, ସେହି କଳଙ୍କର କାଳିମା ଦିନକୁ ଦିନ ଗାଢ ହେବାରେ ଲାଗିଛି ସିନା କମିବାକୁ ନାଁ ଧରୁନି। ଏହାଛଡ଼ା ଏହି ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ପୁଷ୍ଟିହୀନତା, ରକ୍ତଶିକୁଳି ରୋଗ ଓ ମ୍ୟାଲେରିଆର ବ୍ୟାପକତା ଯୋଗୁ ରକ୍ତହୀନତା ଜନିତ ମୃତ୍ୟୁ ସଂଖ୍ୟା କ୍ରମେ ବଢୁଛି। ବିଶେଷତଃ ପ୍ରସବ ବେଳେ ଏହି ସମସ୍ୟା ଅତି ଜଟିଳ ଅବସ୍ଥା ସୃଷ୍ଟି କରୁଛି। ଏହି ଜିଲ୍ଲାରେ ଅଧିକାଂଶ ମାତୃ ମୃତ୍ୟୁ ଅନ୍ତରାଳରେ ରକ୍ତହୀନତା ହିଁ ଏକମାତ୍ର କାରଣ ବୋଲି ବରିଷ୍ଠ ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ଦେଉଛନ୍ତି। ଚିକିତ୍ସା ବିଜ୍ଞାନର ନିୟମ ଅନୁସାରେ ରକ୍ତରେ ହେମୋଗ୍ଲୋବିନ୍‌ର ପରିମାଣ ଶତକଡ଼ା ୧୧ରୁ କମ୍ ରହିଲେ, ରୋଗୀଟି ରକ୍ତହୀନତାର ଶିକାର ବୋଲି ଚିକିତ୍ସା ବିଜ୍ଞାନ କହିଥାଏ। ବାସ୍ତବପକ୍ଷେ ଏହି ଜିଲ୍ଲାରେ ୯୫ ଶତକଡ଼ା ଲୋକଙ୍କର ହେମୋଗ୍ଲୋବିନ୍ ର ପରିମାଣ ୧୧% ରୁ ବହୁ ତଳେ ରହଉଛି। ଅନେକ ଗର୍ଭବତୀ ମା'ପ୍ରସବ ପାଇଁ ଆସିବାବେଳେ ସେମାନଙ୍କର ହେମୋଗ୍ଲୋବିନ୍‌ର ପରିମାଣ ୪ରୁ ୭ ଶତକଡ଼ା ମଧ୍ୟରେ ରହୁଛି। ପ୍ରସବ ପରେ କିଛି ମାତ୍ରାରେ ରକ୍ତ କ୍ଷୟ ହେଲେ ରୋଗୀର ଅବସ୍ଥା ସଙ୍କଟାପନ୍ନ ହୋଇଯାଏ ଓ ବେଳେବେଳେ ମୃତ୍ୟୁମୁଖରେ ପଡ଼େ। ସାରା ଜିଲ୍ଲା ପାଇଁ ଏକମାତ୍ର ରକ୍ତ ଭଣ୍ଡାରଟି ନବରଙ୍ଗପୁର ସ୍ଥିତ ଜିଲ୍ଲା ସଦରମହକୁମା ଚିକିତ୍ସାଳୟ ଠାରେ ରହିଛି। ସେଠାରୁ ଜିଲ୍ଲାର ସୀମାନ୍ତ ହାଟଭରଣ୍ଡି ଓ ଚନ୍ଦାହାଣ୍ଡିର ଦୂରତା ୧୨୦ କି.ମି.ରୁ ଅଧିକ। ଜିଲ୍ଲାର ଅନ୍ୟ ଏକ ଅଗ୍ରଣୀ ଚିକିତ୍ସାଳୟ ଉମରକୋଟ ଠାରୁ ଏହା ୬୫କି.ମି. ଦୂରବର୍ତ୍ତୀ। ରକ୍ତ ଦରକାର ପଡୁଥିବା ଆଦିବାସୀ ରୋଗୀଙ୍କୁ ରାତି ଅଧରେ ରକ୍ତ ଆଣିବା ଚିଠାଟି ଧରାଇ ସ୍ୱାସ୍ଥ୍ୟ ବିଭାଗ ନିଜ ଦାୟିତ୍ୱ ସାରିଦେଉଛି। ଅଧ ରାତିରେ ରୋଗୀର ଆତ୍ମୀୟ କିଭଳି ଏତେ ଦୂର ଯାଇ ରକ୍ତ ଆଣିବ, ଏହି ପ୍ରଶ୍ନର ଉତ୍ତର କୋଟିକୋଟି ଟଙ୍କା ପାଣି ପରି ଉଡ଼ାଉଥିବା ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିସନ୍ ପାଖରେ ହୁଏତ ନାହିଁ। ୨୦୦୫ରେ ସ୍ୱାସ୍ଥ୍ୟ ମିସନ୍ ଏହି ଜିଲ୍ଲାରେ କାର୍ଯ୍ୟକାରୀ ହେବା ପରଠାରୁ ରକ୍ତହୀନତା ରୋଗ ବ୍ୟାପକ ଭାବେ ବଢିଚାଲିଛି। କୋଟିକୋଟି ଟଙ୍କା ବ୍ୟୟରେ ଚିକିତ୍ସାଳୟରେ ରଙ୍ଗ ଦେଇ, ଚଟାଣରେ ମାର୍ବଲ୍ ଟାଇଲ୍ ଲଗାଇ, ବିଭିନ୍ନ ହୋଡ଼ିଙ୍ଗ୍ ଟାଙ୍ଗି ଓ ଗଣମାଧ୍ୟମରେ ରଙ୍ଗୀନ୍ ବିଜ୍ଞାପନ ଦେଇ ଓ ବର୍ଷକୁ କେବଳ ଫୁଲ ସଜାଇବାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ ହେଉଥିବା ଦାବି କରୁଛି ସ୍ୱାସ୍ଥ୍ୟ ମିସନ୍। ସ୍ୱାସ୍ଥ୍ୟ ମିସନ୍‌ର ହର୍ତ୍ତାକର୍ତ୍ତା ସାଜିଥିବା ଅନଭିଜ୍ଞ, ଅଦକ୍ଷ ଓ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ଛାଡ଼ି ଦିଆଯାଉଛି ରାଜ୍ୟର ସ୍ୱାସ୍ଥ୍ୟସେବା ଦାୟିତ୍ୱ। ଭୁବନେଶ୍ୱରରୁ ନିର୍ଦ୍ଦେଶ ନଆସିଲେ, ଏହି ଯୋଜନାର ଘାସ ବି ହଲିବ ନାହିଁ। ଗର୍ଭବତୀ ମା'ର ଦାୟିତ୍ୱ ଅନଭିଜ୍ଞ ଆଶା ଉପରେ ଛାଡ଼ିଦେଇ ସମସ୍ତେ ନିଶ୍ଚିତ ରହିଛନ୍ତି। ବାହାରୁ ଔଷଧ ନକିଣିବାକୁ ସମସ୍ତଙ୍କୁ ତାଗିଦ୍ କରାଯାଉଛି। ରକ୍ତହୀନତା ରୋଗର ପ୍ରତିଷେଧକ ପାଇଁ ଯେଉଁ ଫଲିଫର୍ ଟାବ୍‌ଲେଟ୍ ବଣ୍ଟାଯାଉଛି, ସେଗୁଡ଼ିକ ରୋଗୀଙ୍କ ଦ୍ୱାରା ଆଦୌ ଆଦୃତ ହେଉନାହିଁ। ପ୍ୟାକିଂ ତ୍ରୁଟି ଯୋଗୁ ଖୋଲିବା ପରେ ସେସବୁ ଭାଙ୍ଗି ଯାଉଛି। ଅନେକ ରୋଗୀ ତାହାକୁ ଖାଉ ନାହାଁନ୍ତି। ଖାଇଲେ ମଧ୍ୟ ସେମାନଙ୍କର ହେମୋଗ୍ଲୋବିନ୍ ପରିମାଣ ଏତେ କମ୍ ରହୁଛି ଯେ ପ୍ରସବ ପୂର୍ବରୁ ଅବସ୍ଥା ସ୍ୱାଭାବିକ୍ ହେବା ସମ୍ଭବ ହେଉନି। ବେଳେବେଳେ ସମୟସୀମା ପାର ହୋଇଥିବା ଔଷଧ ବଣ୍ଟାଯାଇ ଅବସ୍ଥାକୁ ଆହୁରି ଅସମ୍ଭାଳ କରାଯାଉଛି। ଯେକୌଣସି ଯୋଜନାର ସଫଳ ରୂପାୟନ ପାଇଁ ପ୍ରତି ସମସ୍ୟାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ପଡ଼ିଥାଏ। ଗୁରୁତର ରକ୍ତହୀନତା ରୋଗୀ ଗୋଟିଏ ଗୋଟିଏ ସମସ୍ୟା। ତାଙ୍କୁ ବାଟକୁ ଆଣିବାକୁ ହେଲେ, ସ୍ୱତନ୍ତ୍ର ଭାବେ ସମାଧାନର ବାଟ ଖୋଜିବାକୁ ହେବ। ଭୁବନେଶ୍ୱରରୁ ଆସୁଥିବା ନିର୍ଦ୍ଦେଶନାମା ଏଠାରେ ଚଳିବ ନାହିଁ। ୩ମାସ ଫଲିଫର୍ ଖାଇଦେଲେ ଯେ ରକ୍ତହୀନତା ଦୂର ହୋଇଯିବ, ତାହା କହି ହେବ ନାହିଁ। ଏହାର ଭୟାବହତା ଦୂର ପାଇଁ ଏହି ଜିଲ୍ଲା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ହେବ। ଅନ୍ୟଥା ଏହି ରୋଗ କ୍ରମେ ଦାବାନଳ ଭଳି ବ୍ୟାପୀ ଆଉରି ଅଧିକ ଜୀବନ ହାନି ଘଟାଇବ। ଏହି ଜିଲ୍ଲାରେ ୫ରୁ ୧୦ ଶତକଡ଼ା ରୋଗୀ ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ହେବା ଦେଖାଯାଏ। ଏମାନଙ୍କର ରକ୍ତ ବୃଦ୍ଧି ପାଇଁ ଆଇରନ୍ ବଟିକା ଆଦୌ ସହାୟକ ନୁହେଁ। ପ୍ରସବ ପୂର୍ବରୁ ବାରମ୍ବାର ରକ୍ତ ଦିଆଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବାକୁ ପଡ଼ିବ। ଏହାର ବ୍ୟାପକତା ହିଁ ରକ୍ତ ହୀନତା ରୋଗର ଅନ୍ୟତମ କାରଣ। ଏହି ସମସ୍ୟା ସଂପର୍କରେ ସମସ୍ତେ ଅବଗତ ଥିଲେ ମଧ୍ୟ ଏଯାଏ କୌଣସି ବିହିତ ପଦକ୍ଷେପ ନିଆ ଯାଉନାହିଁ। ସ୍ୱାସ୍ଥ୍ୟ ମିସନ୍ ପୃଥିବୀରେ ପ୍ରାୟତଃ ସବୁଠୁ ଖର୍ଚ୍ଚ ବହୁଳ ଯୋଜନା। ଏହି ଯୋଜନାରେ ଟଙ୍କାର ଅଭାବ ନାହିଁ। ଅର୍ଥର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଗୋଟିଏ ମା' ଯଦି କରିବ, ତା'ହେଲେ ଇତିହାସ କେବେ ଆମକୁ କ୍ଷମା ଦେବ ନାହିଁ। କେବଳ ତଥାକଥିତ ଇଟିଙ୍ଗ୍, ସିଟିଙ୍ଗ୍, ମିଟିଂ, କାନ୍‌ଭାସିଂ ଓ ହୁଡ଼ିଙ୍ଗ୍‌ରେ ପ୍ରଚୁର ଅର୍ଥ ବ୍ୟୟ କରାନଯାଇ ସମସ୍ୟାର ମୂଳରେ ପହଞ୍ଚି ସମାଧାନ କରାଗଲେ ହିଁ ଏହି ଯୋଜନାର ସଫଳ ରୂପାୟନ ହୋଇପାରିବ।

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ହାଇସ୍କୁଲ ପରିଦର୍ଶନ



ଧର୍ମଶାଳା (ପିଏନ୍): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ଓ ଯୁଗ୍ମ ସଚିବ ଡ. ସନାତନ ପଣ୍ଡା ଧର୍ମଶାଳା ବାଣୀପୀଠ ଓ ଜାରକା ହାଇସ୍କୁଲ ପରିଦର୍ଶନ କରିଛନ୍ତି। ଉଭୟ ବିଦ୍ୟାଳୟର ଭିତ୍ତିଭୂମି ଓ ପରିବେଶ ଦେଖି ସେମାନେ ଖୁସି ବ୍ୟକ୍ତ କରିବା ସହ ମୋ ସ୍କୁଲ ଅଭିଯାନର ସମୀକ୍ଷା କରିଥିଲେ। ବିଦ୍ୟାଳୟରେ ସ୍ୱଚ୍ଛତା, ବୃକ୍ଷରୋପଣ, ଆଧୁନିକ ପ୍ରଣାଳୀରେ ଶିକ୍ଷାଦାନ, ନିୟମିତ ପରୀକ୍ଷା କରାଇବା ଆଦି ଦିଗରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଚିବ ଓ ଯୁଗ୍ମ ସଚିବଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପୁରାତନ ଛାତ୍ରଛାତ୍ରୀଙ୍କ ପ୍ରଦତ୍ତ ଅର୍ଥ ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କୃତିବାସ ବାରିକ, ଶଶୀଧର ସିଂହ, ବିଇଓ ନିକୁଂଜ କୁମାର ମହାନ୍ତି, ବଳରାମ ନାୟକ, ସୁଦର୍ଶନ ମଲିକ, ଜିଲ୍ଲା ସଂଯୋଜକ ରାଜେନ୍ଦ୍ର ଶତପଥୀ, ଅମରେଶ ପଣ୍ଡା ଓ ରାଜେଶ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଜାରକା ହାଇସ୍କୁଲ ପ୍ରଧାନ ଶିକ୍ଷକ ବୀରବର ବେହେରା, ଧର୍ମଶାଳା ବାଣୀପୀଠ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର କର, ମୋ ସ୍କୁଲ ଅଭିଯାନରେ ବ୍ଲକ ସଂଯୋଜକ ସଦୀପ୍ତ ମହାନ୍ତଙ୍କ ସମେତ ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ମୋ ସ୍କୁଲ ଅଭିଯାନର ବ୍ଲକସ୍ତରୀୟ କର୍ମଶାଳା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ହାଇସ୍କୁଲରେ ମୋ ସ୍କୁଲ ଅଭିଯାନର ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ନିକୁଂଜ ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ପରିଚାଳିତ ସମୀକ୍ଷା ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି ଲୋକପ୍ରିୟ କାର୍ଯ୍ୟକ୍ରମର ସଫଳତା ସଂପର୍କରେ ଆଲୋକପାତ କରିଥିଲେ। ସରକାରଙ୍କ ନୂତନ ପରୀକ୍ଷା ପଦ୍ଧତି ସଂପର୍କରେ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ପାଇଁ ଉପସ୍ଥିତ ପ୍ରଧାନଶିକ୍ଷକ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂହ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ବିଷ୍ଣୁଚରଣ ପଣ୍ଡା, ମୋ ସ୍କୁଲ ଅଭିଯାନର ଜିଲ୍ଲା ସଂଯୋଜକ ରାଜେନ୍ଦ୍ର କୁମାର ଶତପଥୀ ଓ ଅମରେଶ ପଣ୍ଡା ଅତିଥିଭାବେ ଯୋଗଦେଇ ମୋ ସ୍କୁଲ ଅଭିଯାନର ସମୀକ୍ଷା କରିଥିଲେ। ଶିକ୍ଷକ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ଲକ ସଂଯୋଜକ ସଦୀପ୍ତ ମହାନ୍ତି କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ବିଷ୍ଣୁଚରଣ ନାୟକ ମୋ ସ୍କୁଲ ଅଭିଯାନର ଅଗ୍ରଗତି ସଂପର୍କୀତ ବିବରଣୀ ପାଠ କରିଥିଲେ। ଶିକ୍ଷକ ବିଭୁତିଭୂଷଣ ପାଳ, ନିରୋଦ କୁମାର ମହାନ୍ତି, ସୁଦାମ ଚରଣ ପଣ୍ଡା ଓ ବାସୁଦେବ ରାଉତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନୂତନ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପଦୋନ୍ନତି ପାଇଥିବା ବ୍ଲକର ୨୨ଜଣ ପ୍ରଧାନ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଜାରକା ହାଇସ୍କୁଲର ପ୍ରଧାନଶିକ୍ଷକ ବୀରବର ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ, ନରେନ୍ଦ୍ର କୁମାର ଲେଙ୍କା, ସୁରେନ୍ଦ୍ର କୁମାର ନାୟକ, ସୁରେନ୍ଦ୍ର ବେହେରା, ଅଶୋକ କୁମାର ଶତପଥୀ ଓ ସତ୍ୟବାଦୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦେଶର ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥାନ

ଭୁବନେଶ୍ୱର (ପିଏନ୍): ଓଡ଼ିଶାର ଧର୍ମ, ସଂସ୍କୃତି, ସ୍ଥାପତ୍ୟ, ପ୍ରକୃତି ଓ ପରିବେଶ, ଜଳବାୟୁ, ବେଳାଭୂମି, ଜଙ୍ଗଲ ଓ ବନ୍ୟଜନ୍ତୁ, ମନ୍ଦିର, ଐତିହ୍ୟସ୍ଥଳୀ, ଖାଦ୍ୟ ଓ ପିଠାପଣା, ପଟଚିତ୍ର, ଚାନ୍ଦୁଆ କଳା, ତାରକସି, ପିତ୍ତଳ କାର୍ଯ୍ୟ, ଓଡ଼ିଶୀନୃତ୍ୟ, ଲୋକନୃତ୍ୟ ଓ ସଙ୍ଗୀତ ଏବଂ କୁଶଳୀ କାରିଗରମାନଙ୍କ ନିପୁଣ କାରୁକାର୍ଯ୍ୟ ପର୍ଯ୍ୟଟକମାନଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିଥାଏ। ପର୍ଯ୍ୟଟନର ଉଲ୍ଲେଖନୀୟ ସଫଳତା ପାଇଁ ଓଡ଼ିଶା ପର୍ଯ୍ୟଟନ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଲାଭକରି ସମ୍ମାନିତ ହୋଇଛି। ନିକଟରେ ଏକ ଆନ୍ତର୍ଜାତିକ ପର୍ଯ୍ୟଟନ ପତ୍ରିକାରେ ବିଶ୍ୱର ପଚାଶଟି ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳ ତାଲିକାରେ ଓଡ଼ିଶା ସ୍ଥାନ ପାଇଛି। ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଉନ୍ନତ ଭାସ୍କର୍ଯ୍ୟ କଳାର ନିଦର୍ଶନ ଓଡ଼ିଶାର ମନ୍ଦିର ଏବଂ ପ୍ରକୃତିର ଅନୁପମ ଉପହାର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। ଏସବୁ ସତ୍ତ୍ୱେ ପର୍ଯ୍ୟଟନ କ୍ଷେତ୍ରରେ ଅନେକ ସମ୍ଭାବନା ଥିଲେ ସୁଦ୍ଧା ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଉତ୍ସାହଜନକ ନୁହେଁ। ଯଦିଓ ପର୍ଯ୍ୟଟକଙ୍କ ଆଗମନର ଉନ୍ନତି ପରିଲକ୍ଷିତ ହୋଇଛି ତଥାପି ଏହା ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ୍। ରାଜ୍ୟ ପ୍ରଗତିରେ ପର୍ଯ୍ୟଟନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପର୍ଯ୍ୟଟନର ବିକାଶ ଆର୍ଥିକ ଅଭିବୃଦ୍ଧିରେ ଅନେକ ସହାୟତା କରିଥାଏ। ରାଜ୍ୟ ଭିତରେ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଉତ୍ତମ ଭିତ୍ତିଭୂମି ସୃଷ୍ଟି କରିବା ଓ ଉକ୍ତ ସ୍ଥାନରେ ବିକାଶ ପାଇଁ ଅନେକ କାର୍ଯ୍ୟ ସରକାର ଜାରି ରଖିଛନ୍ତି। ୨୦୦୯ରୁ ପର୍ଯ୍ୟଟନ ବିଭାଗ ଦ୍ୱାରା ଏକ ପାଞ୍ଚବର୍ଷିଆ ଯୋଜନା ପ୍ରଣୟନ କରାଯାଇଛି। ଏହା ୨୦୧୪ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଯାଇଛି। ଏହି ଯୋଜନାରେ ଭିତ୍ତିଭୂମିର ବିକାଶ, ନିଯୁକ୍ତି ସୁଯୋଗ, ଅଭିବୃଦ୍ଧି ଏବଂ ପର୍ଯ୍ୟଟନ ସମ୍ପଦର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ଯୋଜନାରେ ଅନେକ ପର୍ଯ୍ୟଟନ ପ୍ରକଳ୍ପ, ପରିବେଶ ପର୍ଯ୍ୟଟନ, ନୌପର୍ଯ୍ୟଟନ ଇତ୍ୟାଦି କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା ରହିଛି। ୨୦୧୪ ସୁଦ୍ଧା ପର୍ଯ୍ୟାଟକ ସଂଖ୍ୟାରେ ୧୫% ଅଭିବୃଦ୍ଧି ହାସଲ ପାଇଁ ଲକ୍ଷ୍ୟ ସାଧିତ ହୋଇଛି ବୋଲି ସରକାରୀ ଭାବେ କୁହାଯାଇଛି। ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ସହିତ ପର୍ଯ୍ୟଟକମାନଙ୍କ ପାଇଁ ଆବଶ୍ୟକ ସୁବିଧାସୁଯୋଗ ବିକାଶକୁ ଅଗ୍ରାଧିକାର ଦିଆଯିବ। ଏହା ସହିତ ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ପର୍ଯ୍ୟଟନ ଜରିଆରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଓ ଘରୋଇ ଭାଗୀଦାରିରେ ଉକ୍ତ କ୍ଷେତ୍ରରେ ବିକାଶ ପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ପର୍ଯ୍ୟଟନକୁ ଅନ୍ତର୍ଜାତୀୟ ସ୍ତରରେ ଉପସ୍ଥାପନ କରିବା ପାଇଁ ଉଦ୍ୟମ ହୋଇଛି। ନିକଟରେ ଓଡ଼ିଶା ସରକାର ଏକ ପର୍ଯ୍ୟଟନ ନୀତି ଘୋଷଣା କରିଛନ୍ତି। ଏହି ନୀତିରେ ଘରୋଇ ଭାଗୀଦାରିକୁ ପର୍ଯ୍ୟଟନ କ୍ଷେତ୍ରରେ ପ୍ରୋତ୍ସାହନ ଦେବା ପାଇଁ ଅନେକ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟନ ଓ ସଂସ୍କୃତି ଦୁଇଟି ବିଭାଗ ନିବିଡ଼ ଭାବେ ଜଡ଼ିତ। କାରଣ ସଂସ୍କୃତି ବିନା ପର୍ଯ୍ୟଟନର ବିକାଶ ସମ୍ଭବ ନୁହେଁ। ତେଣୁ ରାଜ୍ୟ ସରକାର ଏହାକୁ ହୃଦୟଙ୍ଗମ କରି ଓଡ଼ିଶାରେ ଥିବା ଅନେକ ମନ୍ଦିର, ପ୍ରାଚୀନ କୀର୍ତ୍ତିରାଜିର ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଲୋକନୃତ୍ୟ ଓ ସଙ୍ଗୀତକୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଲୋଚନକୁ ଆଣିବା ପାଇଁ ପର୍ଯ୍ୟଟନ ବିଭାଗ ପ୍ରୟାସ ଜାରି ରଖିଛନ୍ତି। ପର୍ଯ୍ୟଟନ ଓ ଦର୍ଶନୀୟ ସ୍ଥାନଗୁଡ଼ିକ ଯେତେ ଆକର୍ଷଣୀୟ ହେବ ପର୍ଯ୍ୟଟକଙ୍କ ସଂଖ୍ୟା ସେତେ ବଢ଼ିବ। ଏହା ସତ୍ୟ ଯେ ଭାରତର ଅନ୍ୟ କେତେକ ରାଜ୍ୟ ଯଥା ରାଜସ୍ଥାନ, କେରଳ, ଗୋଆ ଆଦି ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଆମଠାରୁ ବହୁ ଆଗରେ ଅଛନ୍ତି। ସେମାନଙ୍କ ସହ ସମକକ୍ଷ ହୋଇ ଓଡ଼ିଶାକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଆମକୁ ନିଷ୍ଠା ଓ ଦୃଢ଼ ଆତ୍ମବିଶ୍ୱାସର ସହ ଉଦ୍ୟମ କରିବାକୁ ହେବ। ରାଜ୍ୟ ସରକାର ଓଡ଼ିଶାରେ ବୌଦ୍ଧ ପର୍ଯ୍ୟଟନର ବିକାଶ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ରତ୍ନଗିରି, ଲଳିତଗିରି, ଉଦୟଗିରି, ଧଉଳି ଓ ଲାଙ୍ଗୁଡ଼ି ପ୍ରଭୃତି ବୌଦ୍ଧପୀଠର ଉନ୍ନତି ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଉଛି। ଏହି ପର୍ଯ୍ୟଟନସ୍ଥଳୀର ପ୍ରଚାର ପ୍ରସାର ପାଇଁ ଗତବର୍ଷ ଏକ ସ୍ୱତନ୍ତ୍ର ଟ୍ରେନ ମହାପରିନିର୍ବାଣ ଏକ୍ସପ୍ରେସ୍ ଦିଲ୍ଲୀରୁ ଓଡ଼ିଶାକୁ ପ୍ରଥମଥର ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ଆସିଥିଲା। ଏହି ଟ୍ରେନ୍‌ରେ ବିଦେଶୀ ବୌଦ୍ଧ ପର୍ଯ୍ୟଟକମାନେ ରତ୍ନଗିରି, ଉଦୟଗିରି, ଲଳିତଗିରି ଇତ୍ୟାଦି ବୌଦ୍ଧପୀଠ ଦେଖି ବିମୋହିତ ହୋଇଥିଲେ। ଏହାଛଡ଼ା ଏକ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଦେଶବିଦେଶରୁ ପ୍ରାୟ ୩୦୦ ପ୍ରତିନିଧି ଯୋଗଦେଇ ବୌଦ୍ଧପୀଠଗୁଡ଼ିକ ପରିଦର୍ଶନ କରିବା ସହ ଏହାର ପ୍ରଚାର ପ୍ରସାର କରିବାର ସହଯୋଗ କରିଥିଲେ। ଆମେ ଆଶା କରୁଛୁ ଏହାଦ୍ୱାରା ଓଡ଼ିଶା ଭାରତ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବ।

# ପିପିଲି ବିଜୟକୁ ନେଇ କେନ୍ଦ୍ରାପଡାରେ ବିଜୟ ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍): ଓଡିଶାର ପୁରୀ ଜିଲ୍ଲାର ପିପିଲି ବିଧାନସଭା ଉପ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀଙ୍କ ବିପୁଳ ବିଜୟକୁ ନେଇ କେନ୍ଦ୍ରାପଡା ବିଜେଡି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡରେ ବାଜା ବଜାଇ, ନାଚକୁଦ କରି ବିଜେଡି କର୍ମୀମାନେ ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରି ବିଜୟ ଉତ୍ସବ ପାଳନ କରଥିବା ଦେଖାଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କ ନେତୃତ୍ୱରେ ରଞ୍ଜିତ ସାହୁ, ହିରଣ୍ୟ ପଣ୍ଡା, ଯୁବ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା,ଧିରେନ ସାହୁ, ଦେବଦାସ ମହାନ୍ତି, ଶ୍ରୀକାନ୍ତ ପଣ୍ଡା, ବିଜୟ ମଣ୍ଡଳ, ସବିତା ସାହୁ, ସେକ ଲିୟାକତ(ନସରୁ), ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ସେକ ଇନାୟତ(ଚନ୍ଦନ), ସେକ ଗୋଫ୍ରାନ, ଲେଲିନ ସ୍ୱାଇଁ, ନଗର ସଭାପତି ଯଯାତି କେଶରୀ ମହାନ୍ତି, ମଙ୍ଗଳବରଣ ସିଂ, ନାରାୟଣ ସାହୁ, ରଞ୍ଜନ ସାହୁ, ଉମେଶ ନାୟକ, ଲଳିତ ମହାନ୍ତି, ପ୍ରମୋଦ ପ୍ରଧାନ, ରଞ୍ଜନ କର, ମହେନ୍ଦ୍ର ମିଶ୍ର, ପ୍ରଦୀପ୍ତ ମହାନ୍ତି, ମାନସରଞ୍ଜନ ଦାସ, ଭୀମସେନ ବେହେରା, ସଂଗମ କେଶରୀ ସାମଲ, ସଞ୍ଜୟ କୁମାର ଜେନା, ଦୀନେସରାଜ ସିଂ, ସେକ ଅକିଲ, ମହମ୍ମଦ ଅମୀର, ସେକ ନିଆଜ(ମତୁ), ରକିବୁର ରହେମାନ ପ୍ରମୁଖ ପୁରୁଣା ବସଷ୍ଟାଣ୍ଡରେ ଏକାଠି ହୋଇ ବିଜୟ ଉତ୍ସବ ପାଳନ କରିବା ସହ ବାଜା ବଜାଇ, ନାଚକୁଦ କରି ବିଜେଡି ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରି ଖୁସି ମନାଇଥିଲେ।

# ପ୍ରାଚୀ ପ୍ରଜ୍ଞା ପରିଷଦ ପକ୍ଷରୁ ୭୬ ୟୁନିଟ ରକ୍ତ ସଂଗ୍ରହ

ଫୁଲନଖରା (ପିଏନ୍): କଟକସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନ ସ୍ଥିତ ଆମ୍ରପଲ୍ଲୀ ସମ୍ମିଳନୀ ଗୃହ ସ୍ୱେଚ୍ଛାସେବୀ ସାଂସ୍କୃତିକ ସଂଗଠନ ପ୍ରାଚୀ ପ୍ରଜ୍ଞା ପରିଷଦ ପକ୍ଷରୁ ଗାନ୍ଧି ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ସମାଜର ମୁଖ୍ୟ ଡ.ଃ ପ୍ରଭାଷ ଚନ୍ଦ୍ର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ଟ୍ରଷ୍ଟି ଅଶ୍ୱିନ କୁମାର ମହାପାତ୍ର ସଭାପତି ଡାଃ ଯୁଧିଷ୍ଠିର ଖଟୁଆ ସମ୍ପାଦକ ଅନୁଗ ସାସମଲ ହଂସନାଥ ସାହୁ, ଏ.ସି.ପି. ଚନ୍ଦନ ଘଡେଇ, ସଦର ଥାନା ଆଇ.ଆଇସି. ସୁଧାଂସୁ ଭୂଷଣ ଜେନା, ଡଃ ଶର ରଥ, ଆଇନିଜିବୀ କବିନାରାୟଣ ଜେନା, ସମ୍ବାଦିକ ଲଳିତ କୁମାର ଦାଶ. ଇଂ ସୁଶାନ୍ତ କୁମାର ତ୍ରିପାଠୀ, ଅଜୟ କୁମାର ମହାନ୍ତି, କଳ୍ପତରୁ ଖୁଣ୍ଟିଆ, ଚନ୍ଦ୍ରମଣୀ ପ୍ରଧାନ, କୌଳାସ ଚନ୍ଦ୍ର ସାହୁ, ଦିଲ୍ଲିପ କୁମାର ହେବେରା, ଉମାକାନ୍ତ କର ଓ ଅରୁଣ ସାହୁ ପ୍ରମୁଖ ଅନୁଷ୍ଠାନ କର୍ମକର୍ତାମାନେ ଉପସ୍ଥିତ ଥିଲେ। ଏହି ଶିବିରରୁ ୭୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ୨୫ ଜଣ ବ୍ୟକ୍ତି ନିଜର ଶରୀର ଓ ଅଂଗଦାନ ପାଇଁ ଇଚ୍ଛାକୃତ ହୋଇ ସ୍ୱାକ୍ଷର କରିଥିଲେ।

# ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ସ୍ଥାନୀୟ ଚାନ୍ଦମାରି ପଡିଆଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଭାରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର ସଭାପତିତ୍ୱ କରି ବୟସ୍କ ଓ ବୃଦ୍ଧ ବ୍ୟକ୍ତିମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରେ ବୟସ୍କ ଓ ବରିଷ୍ଠ ନାଗରିକମାନଙ୍କର ରକ୍ତଚାପ, ମଧୁମେହ ପରୀକ୍ଷା କରାଯିବା ସହିତ ସେମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ସହଦେବଖୁଂଟା ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା. ଲମ୍ବୋଦର ପାଲ ପ୍ରତ୍ୟେକ ବୃଦ୍ଧ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅମୃତଧାର ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଏଥିରେ ସହଯୋଗ କରିଥିଲେ। ସହଦେବଖୁଂଟା ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ରହି ଫଳ ବିତରଣ କରିଥିଲେ। ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀ ରମଣୀକାନ୍ତ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଶାଳା ବିଜେଡିର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବିଜେଡି ପକ୍ଷରୁ ଗାନ୍ଧି ଜୟନ୍ତୀ ଠାରୁ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହେବ ବୋଲି ଘୋଷଣା କରାଯାଇଛି। ଏନେଇ ନୂଆଗାଁସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦିଆଯାଇଛି। ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦେଇ ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି କହିଥିଲେ ଯେ, ବିଜେଡି ପକ୍ଷରୁ ପ୍ରତିବର୍ଷ ଏହି ସମୟରେ ସମସ୍ତ ପଂଚାୟତରେ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥାଏ। ହେଲେ ଚଳିତବର୍ଷ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହେବ ବୋଲି ଦଳ ପକ୍ଷରୁ ନିଷ୍ପତି ନିଆଯାଇଛି। ଏହି କ୍ରମରେ ଗାନ୍ଧି ଜୟନ୍ତୀରେ ମର୍ଜିତାପୁର କଲ୍ୟାଣ ମଣ୍ଡପରେ ରକ୍ତଦାନ ଶିବିର ଓ ଶ୍ରମଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ। ସେହିପରି ଏଣ୍ଡଳବାଠାରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବରର ଆୟୋଜନ କରାଯାଇଛି। ୪୫ ପଂଚାୟତରେ ମାଗଣା ସ୍ୱାସ୍ଥ୍ୟପରୀକ୍ଷା କେନ୍ଦ୍ର ଖୋଲାଯିବ। ମହିଳା ବିଜେଡି ପକ୍ଷରୁ ବ୍ଲକର ୬୬ଟି ହାଇସ୍କୁଲରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ ବିଦ୍ୟାଳୟଗୁଡିକର ସ୍ଥିତି ସଂପର୍କରେ ବିଧାୟକଙ୍କୁ ଅବଗତ କରାଯିବ। ବିଭିନ୍ନ ଦିବସରେ ଛାତ୍ର ବିଜେଡି ପକ୍ଷରୁ କଲେଜ୍‌ଗୁଡିକରେ ରକ୍ତଦାନ ଶିବିର ଓ ସଫେଇ କରାଯିବ। ବିଜେଡି ଗାର୍ଲସ୍ ୱିଙ୍ଗ୍ ପକ୍ଷରୁ ଆଦିବାସୀ ବସ୍ତିରେ ରହୁଥିବା ଲୋକମାନଙ୍କ ସମସ୍ୟା ସଂପର୍କରେ ଅବଗତ ହୋଇ ବିଧାୟକଙ୍କୁ ଜଣାଇବେ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ବ୍ଲକ ମହିଳା ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଯୁବବିଜେଡି ସଭାପତି କ୍ଷିତୀଶ ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଗାର୍ଲସ୍ ୱିଙ୍ଗ୍ ସଭାନେତ୍ରୀ କ୍ଷୀରାବ୍ଧୀ ତନୟା ମଲିକ, ବିଜେଡି ନେତା ସଂଗ୍ରାମ କେଶରୀ ଜେନା, ନିର୍ମଳ ପ୍ରଧାନ ଓ ଯୁବନେତା ପ୍ରତାପ କୁମାର ପ୍ରଧାନ ଯୋଗ ଦେଇଥିଲେ।

# ନଗରି ଗ୍ରାମପଂଚାୟତର ବିଜେଡି ବୈଠକ



ଫୁଲନଖରା (ପିଏନ୍): ନିଆଳୀ ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକର ନଗରୀ ଗ୍ରାମପଂଚାୟତ ଛାମୁଆ ବିଜେଡି କର୍ମୀମାନଙ୍କର ଏକ ସାଂଗଠନିକ ବୈଠକ ସନ୍ତୋଳ ଗ୍ରାମ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପରିଷରରେ ଗତ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଂଚାୟତର ବିଜେଡି ସଭାପତି ଶିବପ୍ରସାଦ ଦାଶ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ବିଜେଡି ସଭାପତି ଗୋଲେଖ ଚନ୍ଦ୍ର ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ଶସିଭୂଷଣ ଦାଶ, ବ୍ଲକ ବିଜେଡି ସଂପାଦକ ଅଶୋକ ରଥ, ବିପ୍ଳବ ଯାଦବ, ପ୍ରଣବ ପଟ୍ଟନାୟକ, ମଙ୍ଗଳାପ୍ରସାଦ ମହାନ୍ତି, ଅଜୟ କୁମାର ବେଉରା, ଶ୍ୟାମସୁନ୍ଦର ପାତ୍ର, ପ୍ରଭାତ କୁମାର ପାତ୍ର, ଗୁରୁଚରଣ ମହାନ୍ତି, ନରେନ୍ଦ୍ର ମଲ୍ଲିକ୍, ବୁଧିଆ ଭୋଇ, କହରା ଭୋଇ, ବିଭୁତିଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇ ଆସନ୍ତା ଗ୍ରାମପଂଚାୟତ ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବା ଏବଂ ପଂଚାୟତର ବିଭିନ୍ନ ଅଭାବ ଅସୁବିଧା ଉପରେ ବିଶେଷକରି ଅରିଲୋ ଗ୍ରାମର ଜଳ ପ୍ରକଳ୍ପ ଯୋଜନା କିପରି କାର୍ଯ୍ୟକାରୀ ହେବ ଏ ନେଇ ବିଷଦ୍ ଭାବରେ ଆଲୋଚନା କରାଗଲା ମାନ୍ୟବର ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇ ଏହା ଖୁବ୍ ସିଘ୍ର ଅରିଲୋ ଭଦ୍ରଭୟକ୍ତିମାନଙ୍କ ସହିତ ଆଲୋଚନା କରାଯିବ ଏବଂ ଦଶହରା ପରେ ପଂଚାୟତର ଏକ କର୍ମି ସମ୍ମୀଳନୀ ଡକା ଯାଇ ୩୦୦ ଲୋକଙ୍କୁ ସାମିଲି କରାଯିବବୋଲି ସମସ୍ତେ ମତବ୍ୟକ୍ତି କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜିନ୍ଦଲ ଷ୍ଟେନଲେସର ପ୍ରଥମ ମହିଳା ଓଭରହେଡ କ୍ରେନ୍ ପରିଚାଳକ ମିନୁ ମହାନ୍ତଙ୍କୁ ‘ୱିଙ୍ଗସ ଅଫ୍ ଷ୍ଟିଲ‘ ଆୱାର୍ଡ଼

ନୂଆଦିଲ୍ଲୀ/କଳିଙ୍ଗନଗର,(ପି.ଏନ) : ଜିନ୍ଦଲ ଷ୍ଟେନଲେସର ପ୍ରଥମ ମହିଳା ଓଭରହେଡ କ୍ରେନ୍ ପରିଚାଳକ ମିନୁ ମହାନ୍ତଙ୍କୁ ଇଣ୍ଡିଆନ ଷ୍ଟିଲ ଆସୋସିଏସନ୍ ତରଫରୁ ‘ୱିଙ୍ଗସ ଅଫ୍ ଷ୍ଟିଲ‘ ଆୱାର୍ଡ଼ ପ୍ରଦାନ କରାଯାଇଛି। ‘ଲିଙ୍ଗ ଏବଂ ବିବିଧତା‘ ବର୍ଗରେ ସେ ଏହି ପୁରସ୍କାର ପାଇଛନ୍ତି। ପ୍ରତିକୂଳ ପରିସ୍ଥିତି କୁ ସାମ୍ନା କରି ଆଗକୁ ଆସୁଥିବା ଯାଜପୁରର ୪୩ ବର୍ଷୀୟ ମିନୁଙ୍କ କଠିନ ଅଧବସାୟ ଓ ଦୃଢ଼ ସଂକଳ୍ପକୁ ଇଣ୍ଡିଆନ ଷ୍ଟିଲ ଆସୋସିଏସନ୍ ପ୍ରଶଂସା କରିଛନ୍ତି। ନଡ଼ିଆଭଙ୍ଗା ପଞ୍ଚାୟତ ର ରଙ୍ଗାହୁଡ଼ି ର ବାସିନ୍ଦା ମିନୁଙ୍କ ବାପା ବୃତ୍ତିରେ ରାଜମିସ୍ତ୍ରୀ ଏବଂ ମାତ୍ର ୧୪ ବର୍ଷ ବୟସରେ ମିନୁଙ୍କ ବିବାହ ହୋଇଥିଲା ଆଉ ୨୫ ବର୍ଷ ବୟସରେ ସେ ହୋଇଗଲେ ବିଧବା।କଠିନ ପରିସ୍ଥିତିରେ ମଧ୍ୟ ଦୃଢ଼ ସାହସ ବଳରେ ହାର ମାନି ନଥିବା ମିନୁଙ୍କୁ ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଏସଏ ଷ୍ଟିଲ କନକ୍ଲେଭର ଚ଼ତୁର୍ଥ ସଂସ୍କରଣରେ ଜ୍ୟୁରି ସ୍ୱ ?ଶାଲ ଆୱାର୍ଡ଼ ଦିଆଯାଇଛି। ଜିନ୍ଦଲ ଷ୍ଟେନଲେସରେ ଯୋଗ ଦେବା ପୂର୍ବରୁ ମିନୁ ପଥର ଭାଙ୍ଗିବା କାମ କରୁଥିଲେ। ଏହା ପରେ ୨୦୧୧ ମସିହାରେ ଜିନ୍ଦଲ ଷ୍ଟେନଲେସର ଷ୍ଟିଲ ମେଲ୍ଟିଂ ସପ୍ ର ହାଉସ କିପିଙ୍ଗ ଦଳରେ ଯୋଗ ଦେଲେ। ମେସିନ ପରିଚ଼ାଳନା କରିବା କାମ ଶିଖିବା ପାଇଁ ତାଙ୍କର ପ୍ରବଳ ଇଚ଼୍ଛା ଶକ୍ତି ଥିଲା। ଯାହା ଫଳରେ ଖୁବ୍ ଶୀଘ୍ର ସେ ଇଞ୍ଜିନ ଚ଼ାଳିତ କ୍ଲିନିଂ ଯାନ ଚ଼ଳାଇବା ଶିଖିପାରିଲେ। ନିଜର ସୁପରଭାଇଜର ଓ ସହକର୍ମୀ ମହିଳାମାନଙ୍କ ପ୍ରେରଣାରେ ସେ ଓଭରହେଡ କ୍ରେନ ପରିଚ଼ାଳନାରେ ଆଗ୍ରହ ଦେଖାଇଲେ , ଯାହାକି ପ୍ଲାଣ୍ଟର ସବୁଠୁ କଷ୍ଟ କାମ ଏବଂ ଯେଉଁଥିରେ ମୁଖ୍ୟତଃ ପୁରୁଷ ଲୋକେ କାମ କରନ୍ତି। କେବଳ ଏକ ମାସ ମଧ୍ୟରେ ମିନୁ ଓଭରହେଡ କ୍ରେନ ପରିଚ଼ାଳନାରେ ଦକ୍ଷତା ହାସଲ କଲେ ଏବଂ ଏହି କ୍ଷେତ୍ରରେ ଥିବା ଲିଙ୍ଗଗତ ଭେଦଭାବକୁ ଦୂର କରିବାରେ ସକ୍ଷମ ହୋଇଥିଲେ। ପୁରସ୍କାର ଗ୍ରହଣ କରିବା ଅବସରରେ, ମିନୁ ମହାନ୍ତ କହିଛନ୍ତି , ‘ ଏହା ମୋ ପାଇଁ ଏକ ବଡ ଦିନ....ମୋ ମତରେ ସାହସୀ ହେବା ଛଡ଼ା ମହିଳାଙ୍କ ପାଇଁ ଅନ୍ୟ କୌଣସି ବିକଳ୍ପ ନାହିଁ। ଜିନ୍ଦଲ ଷ୍ଟେନଲେସରେ ମୋତେ ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ ଏବଂ ଏକ ସାହସୀ ଓ ନିର୍ଭୀକ ମହିଳା ଦଳ ଗଠନ କରିବା ପାଇଁ ମୁଁ ପ୍ରତିବଦ୍ଧ। ‘ ଜିନ୍ଦଲ ଷ୍ଟେନଲେସର ପରିଚ଼ାଳନା ନିର୍ଦ୍ଦେଶକ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି , ‘ମିନୁଙ୍କ ସାହସ ଓ ପରିଶ୍ରମକୁ ଆଇଏସଏ ପକ୍ଷରୁ ମାନ୍ୟତା ମିଳିଥିବାରୁ ମୁଁ ଗର୍ବ ଅନୁଭବ କରୁଛି। ଏହା ହେଉଛି କାମ ପ୍ରତି ତାଙ୍କର ଅଦମ୍ୟ ନିଷ୍ଠା ଓ ପ୍ରତିବଦ୍ଧତାର କାହାଣୀ। ଜିନ୍ଦଲ ଷ୍ଟେନଲେସରେ ଆମେ ସବୁବେଳେ ମହିଳା ମାନଙ୍କୁ ଆହ୍ୱାନମୂଳକ କାମ କରି ଅନ୍ୟମାନଙ୍କ ପ୍ରେରଣା ସାଜିବା ପାଇଁ ପ୍ରୋତ୍ସାହନ କରିଆସୁଛୁ। ‘ମିନୁ ମହନ୍ତଙ୍କ ଗୋଟିଏ ବିବାହିତା ଝିଅ ଓ ଗୋଟିଏ ବିବାହିତ ପୁଅ ଅଛନ୍ତି । ବର୍ତ୍ତମାନ ସେ ତାଙ୍କ ପରିବାରରେ ଶାଶୁ ଓ ପୁଅ ସହ ରହୁଛନ୍ତି। ପ୍ଲାଣ୍ଟରେ କାର୍ଯ୍ୟରତ ମହିଳାମାନଙ୍କୁ ତାଲିମ ଦେବା ସହ ପୁରୁଷ ପ୍ରଧାନ କାମ ଗୁଡ଼ିକ କରିବା ପାଇଁ ମିନୁ ଉତ୍ସାହିତ କରନ୍ତି। ଆଇଏସଏ ଏଭଳି ଏକ ପ୍ଲାଟଫର୍ମ ରୂପେ ଉଭା ହୋଇଛି, ଯାହା ଭାରତୀୟ ଲୌହ ଓ ଇସ୍ପାତ ଶିଳ୍ପରେ ଥିବା ବିଭିନ୍ନ ସମସ୍ୟା,ଆହ୍ୱାନଗୁଡ଼ିକୁ ସରକାର ତଥା ଭାରତ ଓ ଦେଶ ବାହାରର ଅନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚ଼ନା କରି ସହଜ କରିଥାଏ।




# ଖୋର୍ଦ୍ଧାରେ କଂଗ୍ରେସର ପରିବର୍ତ୍ତନ ସମାବେଶ

ଭୁବନେଶ୍ୱର,(ପି.ଏନ) ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶୁକ୍ରବାର ଖୋର୍ଦ୍ଧାଠାରେ କଂଗ୍ରେସର ଏକ ବିଶାଳ ରାଲି ଏବଂ ପରିବର୍ତ୍ତନ ସମାବେଶ ଆୟୋଜିତ ହୋଇଯାଇଛି। ପ୍ରଥମେ ଖୋର୍ଦ୍ଧା ଠାରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଏକ ବିଶାଳ ରାଲିରେ ଓଡ଼ିଶା ପ୍ରଭାରୀ ତଥା ସାଂସଦ ଡା. ଚେଲା କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ଖୋର୍ଦ୍ଧାର ହାବେଳି ପଡ଼ିଆ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଆୟୋଜିତ ସଭାରେ ମା’ ବରୁଣେଇ ଓ କରୁଣେଇଙ୍କୁ ପ୍ରଣିପାତ କରି ଡା. ଚେଲ୍ଲା କୁମାର କହିଥିଲେ ଯେ ଖୋର୍ଦ୍ଧା ମାଟି ବୀର ପ୍ରସବିନୀ। ଭାରତର ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ଅବଦାନ ଅତୁଳନୀୟ। ସଭାରେ ସେ ଖୋର୍ଦ୍ଧା ମାଟିର ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ ଓ ତିତୀକ୍ଷାର କାହାଣୀ ଅବିସ୍ମରଣୀୟ ବୋଲି କହିଥିଲେ। ଖୋର୍ଦ୍ଧା ଜିଲ୍ଲା ପ୍ରତି ନବୀନ ସରକାର ବୈମାତୃକ ମନୋଭାବ ପୋଷଣ କରିଛନ୍ତି। ଏହି ଜିଲ୍ଲାର ୧୮ ଟି ଶୀତଳ ଭଣ୍ଡାର ଆଜିବି ଅଚଳ। ଖୋର୍ଦ୍ଧା ଏବେ ନିଶାକାରବାରର କେନ୍ଦ୍ର ସ୍ଥଳୀ ହୋଇଛି। ଖୋର୍ଦ୍ଧାରେ ସରକାରୀ ଜମି ସବୁ ଜମି ମାଫିଆଙ୍କ କବଜାରେ ମାତ୍ର ପ୍ରଶାସନ ନୀରବ। ଏଠାରେ ଅବାଧ ପଥର ଖଣି ଲୁଟ ଚାଲିଛି। ଖୋର୍ଦ୍ଧା ଜିଲ୍ଲାରେ ଏବେ ସ୍କୁଲ, କଲେଜ ଅଛି ହେଲେ ଶିକ୍ଷକ ନାହାନ୍ତି, ଡାକ୍ତର ଖାନା ଅଛି ମାତ୍ର ଡାକ୍ତର ନାହାନ୍ତି। ନବୀନ ସରକାର ଅମଳରେ ଖୋର୍ଦ୍ଧାର ବିକାଶ ହୋଇପାରି ନାହିଁ। କାଳିଆ, ବଳିଆ ଯୋଜନା, ମୋ ଓଡ଼ିଶା ନବୀନ ଓଡ଼ିଶା ପ୍ରଭୃତି ଯୋଜନା କେବଳ ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ଭୂଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ। କଂଗ୍ରେସର ମନରେଗା ଯୋଜନା ଆଜି କୋଟି କୋଟି ଲୋକଙ୍କୁ ନିଯୁକ୍ତି ଦେଉଛି। କୃଷକମାନଙ୍କ ପାଇଁ କଂଗ୍ରେସ ୭୨ ହଜାର କୋଟି ଟଙ୍କା ଋଣ ଛାଡ଼ କରିଛି। କଂଗ୍ରେସ କ୍ଷମତାକୁ ଆସିଲେ ରାହୁଲ ଗାନ୍ଧୀଙ୍କର ନ୍ୟାୟ ଯୋଜନାର ପ୍ରତିଶ୍ରୁତି ପାଳିତ ହେବ। ମାସକୁ ୬୦୦୦ କରି ବର୍ଷକୁ ୭୨ ହଜାର ଏବଂ ୫ ବର୍ଷରେ ୩ ଲକ୍ଷ ୬୦ ହଜାର ଟଙ୍କା ନ୍ୟୁନତମ ସାହାଯ୍ୟ ଦିଆଯିବ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)– ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ । ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)–କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ “ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା”ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)– ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ–ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ–ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Wednesday November 08, 2023 ଭୁବନେଶ୍ୱର ବୁଧବାର, ନଭେମ୍ବର ୦୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଚାଁଙ୍ଗଡ଼ାପଲ୍ଲୀ ଗ୍ରାମରେ କୋଠିଶାଳ ଯାତ୍ରା ରେ ମୁଖ୍ୟ ଅତିଥି ଭାବେ ବିପ୍ଳବ ପାତ୍ରଙ୍କ ଯୋଗଦାନ

କୁକୁଡ଼ାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ):ଓଡ଼ିଶାରେ ବାର ମାସରେ ତେର ପର୍ବ ପାଳନ ହୋଇଥାଏ । କୋଠିଶାଳ ଯାତ୍ରାର ଦଶମ ତିଥ୍ୟ ଦଶହରା ପୂଜା ଆରମ୍ଭ ହୋଇ ପ୍ରତ୍ୟେକ ସନ୍ଧ୍ୟାରେ ମାଁ ମଙ୍ଗଳାଙ୍କୁ ଫୁଲପୁଷ୍ପ ଦେଇ ପୂଜାର୍ଚ୍ଚନା କରାଯାଏ। କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବନ୍ତପଲ୍ଲୀ ଗ୍ରାମପଞ୍ଚାୟତ ଅଧିନସ୍ଥ ଚାଁଙ୍ଗଡ଼ାପଲ୍ଲୀ ଗ୍ରାମରେ କୋଠିଶାଳ ଯାତ୍ରା ରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଲେ ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ।ଓ ସେହି ଗ୍ରାମ ର ଯୁବକ



ଭାଇ ମାନେ ଯୋଗ ଦେଇ ଶ୍ରୀ ପାତ୍ରଙ୍କୁ ଫୁଲପୁଷ୍ପ ପକାଇ ଗ୍ରାମ ଭିତରକୁ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମରେ କୁକୁଡ଼ାଖଣ୍ଡି ବ୍ଲକର ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ବିଜୁ ଜନତା ଦଳର ବ୍ଲକ ସଭାପତି ସୀତାରାମ ସାହୁ, ଉପସଭାପତି କୈଳାସ ବିଷୋୟୀ, ବରିଷ୍ଠ ସମାଜ ସେବୀ ଉଦୟ କୁମାର ବେହେରା, ମହିଳା ସଭାପତି ନିରୁପମା ପାତ୍ର, ବନ୍ଧୁପଲ୍ଲୀ ଗ୍ରାମ ପଞ୍ଚାୟତର ସରପଞ୍ଚ କାମିନି ନାୟକ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ବରିଷ୍ଠ ନେତା ରମେଶ ଚନ୍ଦ୍ର ସ୍ୱାଇଁ, ରଞ୍ଜନ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ବନ୍ଧୁପଲ୍ଲି ଗ୍ରାମ ପଞ୍ଚାୟତର ଯୁବ, ଛାତ୍ର, ମହିଳା ସମସ୍ତ ବିଜୁ ଜନତା ଦଳର କର୍ମୀ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳତା କରିଥିଲେ।

## ଫସଲ ବୀମା ଯୋଜନାର ଶସ୍ୟ କାଟ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ପୁରୀ, (ପି.ଏନ):ପୁରୀ ଜିଲ୍ଲା ସ୍ତରୀୟ ଖରିଫ ଧାନ ଶସ୍ୟ କାଟ ସମ୍ପର୍କରେ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ନୋଡାଲ ଅଧିକାରୀ ପ୍ରଦୀପ କୁମାର ସାହୁ(ପ୍ରଶାସନ) ସ୍ୱଚ୍ଛତା ଓ ନିରପେକ୍ଷତା ସହ ଶସ୍ୟ କାଟ ପାଇଁ ପରାମର୍ଶ ଦେଇଥିଲେ। ପୁରୀ ଜିଲ୍ଲାର ୨୨୮ ଗ୍ରାମ ପଂଚାୟତ ଓ ୪ଗୋଟି ସହରାଂଚଳରେ ଉକ୍ତ ଶସ୍ୟ କାଟ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବାର ଅବଗତ କରାଇଥିଲେ। ପୁରୀ ସଦର ତହସିଲଦାର ଅଭିଷେକ ଦାସ,ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମନୋଜ ମହାନ୍ତି ଓ ଯୋଜନା ଅଧିକାରୀ ଅଶୋକ ଦାସ ଶସ୍ୟ କାଟ ସମ୍ପର୍କରେ ବିଶେଷଭାବେ ଆଲୋଚନା କରିଥିଲେ। ଜିଲ୍ଲା କୃଷି ଅଧିକାରୀ ବିଷ୍ଣୁ ଚରଣ ପଟ୍ଟନାୟକ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ,ଗ୍ରାମ୍ୟ କୃଷି କର୍ମଚାରୀ,ରାଜସ୍ୱ ଓ ପରିସଂଖ୍ୟାନ ବିଭାଗର କ୍ଷେତ୍ର କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# କାର ମାଲିକଙ୍କୁ ପାଣିରେ ନିଶା ଦେଇ କାର ସହ ସୁନା ଚେନ ଲୁଟ ଅଭିଯୋଗ

ପୁରୀ,(ପି.ଏନ):ସମୁଦ୍ରକୂଳ ଥାନା ଅଧୀନ ହୋଟେଲ ବଙ୍ଗଲକ୍ଷ୍ମୀ ନିକଟରେ ୪ଜଣ ଅଜଣା ଯୁବକ କାରରେ ଲିଫ୍ଟ ନେଇ ଜଣେ ବ୍ୟକ୍ତିଙ୍କ କାର ସହ ସୁନା ଚେନ ଲୁଟି ନେଇଥିବାର ସୂଚନା ମିଳିଛି। ଅଭିଯୋଗକାରୀ ଜଣକ ହେଲେ କୁମ୍ଭାରପଡା ଅବକାଶ ଲେନର ଡଲି ବାରିକ ହୋଇଥିବା ବେଳେ,ଲୁଟର ଶିକାର ବ୍ୟକ୍ତି ଜଣକ ହେଲେ ତାଙ୍କ ସ୍ୱାମୀ ଦିଲ୍ଲିପ କୁମାର ବାରିକ ବୋଲି ସୂଚନା ମିଳିଛି। କାରରେ ଲିଫ୍ଟ ନେଇଥିବା ୪ଜଣ ଅଜଣା ଯୁବକଙ୍କ ପରିଚୟ ମିଳି ପାରି ନାହିଁ ବୋଲି ସୂଚନା ମିଳିଛି। ସୂଚନା ମୁତାବକ, ଅଭିଯୋଗକାରୀଙ୍କ ସ୍ୱାମୀ ଦିଲ୍ଲିପ କୁମାର ବାରିକ ନିଜ ସୁଇଫ୍ଟ ଡିଜେୟାର(ଓଡି-୧୩ଏନ-୫୫୩୫) ନମ୍ବର ବିଶିଷ୍ଟ କାରରେ ବଙ୍ଗଲକ୍ଷ୍ମୀ ହୋଟେଲ ନିକଟରେ ଚଳାଇ ଯାଉଥିଲେ। ଉକ୍ତ ସମୟରେ ୪ଜଣ ଅଜଣା ଯୁବକ ତାଙ୍କୁ କୋଣାର୍କ ଯିବା ପାଇଁ ଲିଫ୍ଟ ମାଗିଥିଲେ। କାରଟି ବେଳାମାର୍ଗ ରାସ୍ତାରେ ଯିବା ବେଳେ,ଅଜଣା ଯୁବକମାନେ ଦିଲ୍ଲିପଙ୍କ ବୋତଲରୁ ସମସ୍ତ ପାଣି ପିଇ ଦେଇଥିଲେ। ପରେ ସେମାନେ ଦିଲ୍ଲିପଙ୍କୁ ଅନ୍ୟ ଏକ ବୋତଲରେ ପାଣି ପିଇବାକୁ ଦେଇଥିଲେ। ଉକ୍ତ ପାଣି ପିଇବା ପରେ ଦିଲ୍ଲିପ ନିଜର ସଂଜ୍ଞା ହରାଇଥିଲେ। ପରେ ନିଜର ଚେତା ଫେରିବା ପରେ ସେ ଢେଙ୍କାନାଳର ଖୁଟୁଂଣୀ ଅଚଂଳରେ ପଡିଥିବାର ଜାଣିବାକୁ ପାଇଥିଲେ। ଅଜଣା ଯୁବକମାନେ ତାଙ୍କୁ ପାଣିରେ ନିଶା ଦେଇ ତାଙ୍କ କାର ସହ ତାଙ୍କ ବେକରୁ ସୁନା ଚେନ ଲୁଟି ନେଇଥିବାର ସେ ଜାଣିବାକୁ ପାଇଥିଲେ। ଲୁଟ ହୋଇ ଥିବା କାର ଏବଂ ସୁନା ଚେନର ମୂଲ୍ୟ ୪ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ସୂଚନା ମିଳିଛି। ପରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଟ୍ରକରେ ପ୍ରଥମେ ମଙ୍ଗୁଳି ଛକ ଏବଂ ପରେ ଅନ୍ୟ ଗାଡିରେ ଦିଲ୍ଲିପ ପୁରୀରେ ପହଂଚି ଥିଲେ। ପୁରୀରେ ପହଂଚି ସମୁଦ୍ରକୂଳ ଥାନାରେ ଦିଲ୍ଲିପଙ୍କ ପତ୍ନୀ ଡଲି ବାରିକ ଅଜଣା ଲୁଟେରାଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତି କରି ପୁଲିସ ଅଜଣା ଲୁଟେରାଙ୍କ ବିରୋଧରେ କେଶ ନଂ ୨୮୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବାଣିତିଆ ପଂଚାୟତରେ ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମ

ଭଦ୍ରକ, (ପି.ଏନ): ଭଦ୍ରକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଣିତିଆ ପଂଚାୟତରେ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟମହାପାତ୍ରଙ୍କ ନେତୃତ୍ୱରେ 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଂଚାୟତର ବାଣିତିଆ, କୁଡିଆମାଳ ଗ୍ରାମରେ କଂଗ୍ରେସ କର୍ମୀମାନଙ୍କୁ ନେଇ ସମସ୍ତ ଅଂଚଳ ଏହି ପଟୁଆର ବୁଲି ଘରକୁ ଘର ଯାଇ ୨୪ବର୍ଷର ବିଜେଡ଼ି ସରକାର ଓ କେନ୍ଦ୍ରର ବିଜେପି ସରକାରଙ୍କର ବିଫଳତା ଓ ସାଧାରଣ ଜନତାଙ୍କ ସମସ୍ୟାଙ୍କ ସମ୍ବଳିତ ଏକ ପ୍ରଚାରପତ୍ର ବଂଟା ଯାଇଥିଲା। ବିଜେଡ଼ି ସବୁଦିନ ଲୋକଙ୍କୁ ଭୁଆଁ ବୁଲେଇ ମଦମାଂସ ଦେଇ ଭୋଟ କିଣୁଛି। ସାଧାରଣ ଜନତାଙ୍କ ସମସ୍ୟା ଦୂର କରିବାରେ ପୂର୍ଣ୍ଣ ବିଫଳ ହୋଇଛି। ଦରଦାମ ବୃଦ୍ଧିରେ ରୋକ୍ ଲାଗାଇବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ଲୋକେ ତାଙ୍କୁ ଆମାଗୀ ନିର୍ବାଚନରେ ସଠିକ୍ ଜବାବ ଦେବେ ବୋଲି ଶ୍ରୀ ରାୟମହାପାତ୍ର ଘରେଘରେ ପ୍ରଚାର କରିଥିଲେ।

## ଧାମରାରେ ଚୋରୀ ସାମଗ୍ରୀ ଉଦ୍ଧାର, ୬ ଅଟକ

ଭଦ୍ରକ,(ପି.ଏନ): ଏହି ଜିଲାର ଧାମରା ଅଂଚଳରେ ଦିନକୁ ଦିନ ଚୋରୀ ବୃଦ୍ଧି ପାଉଥିବା ବେଳେ ଏହି ଚୋରଙ୍କୁ ଧରିବାରେ ଧାମରା ପୁଲିସ କୁ ଏକ ବଡ ସଂଳତା ମିଳିଛି। ବିଗତ ଦିନମାନଙ୍କରେ ଧାମରାଇ ମନ୍ଦିର ରହୁଣ୍ଡି ଭାଙ୍ଗି ଟଙ୍କା ସୁନା ଲୁଟ ସହିତ ଧାମରା ବିଦ୍ୟାଳୟରୁ ଏକ ୫୬ଇଂଚ ଏଲଇଡି ଟିଭି, ବାଣିଜ୍ୟ ବିଭାଗର ଲଂଚରୁ ବ୍ୟାଟେରୀ ଚୋରୀ ସହିତ ବହୁ ଚୋରା ସାମଗ୍ରୀ କୁ ଉଦ୍ଧାର କରିବା ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ହୋଇଥିଲା। ଗତକାଲି ଏହି ଚୋର ଦଳ ଚନ୍ଦନୀପାଳ ର ଏକ ବୋଟରୁ ବ୍ୟାଟେରୀ ଚୋରୀ କରିବାକୁ ନେଇ ପୁଲିସ ଏକ ତଥ୍ୟ ପାଇଥିଲେ।ଏହି ତଥ୍ୟ ଆଧାରରେ ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଏହି ଚଢାଉ ରେ ସାମିଲ ହୋଇ ଧାମରା ଅଂଚଳର ୬ଜଣ ଙ୍କୁ ଅଟକ ରଖିବା ସହ ବହୁ ଚୋରା ସାମଗ୍ରୀ କିଣିଥିବା ଲୋକଙ୍କୁ ମଧ୍ୟ ଅଟକ ରଖିଛି।

# ବ୍ରାଉନସୁଗାର ମାୟାରେ ଭଦ୍ରକର ଯୁବପିଢି ବାୟା, ଚୋରି କରି ୨ ଯୁବକ ଥାନାରେ ଅଟକ

ଭଦ୍ରକ,(ପି.ଏନ): ଭଦ୍ରକ ଜିଲା ଅବକାରୀ ବିଭାଗର ଅବହେଳାରୁ ଏବେ ସଦର ମହକୁମା ସମେତ ତାର ଆଖପାଖ ଅଂଚଳ ଧଳାଜହରରୂପୀ ବ୍ରାଉନସୁଗାରର ପେଣ୍ଠସ୍ଥଳୀ ପାଲଟିଛି। ଏହାର କୁପ୍ରଭାବରେ ସହର ଓ ଗ୍ରାମାଂଚଳର ବହୁ ବେକାର ଯୁବକ ଏହି ନିଶା ରାକ୍ଷସ କବଳରେ ପଡି ଦିନ ଦ୍ୱିପ୍ରହରରେ ବି ଚୋରି କରିବାକୁ ପଛାଉନାହାଁନ୍ତି। ଯାହାର ଉଦାହରଣ ଆଜି ଦେଖିବାକୁ ମିଳିଛି ଭଦ୍ରକ ସହରାଂଚଳ ଥାନା ଅଧୀନସ୍ଥ ୬ନଂ ୱାର୍ଡର ପୂର୍ବତନ କାଉନସିଲର ପ୍ରବୀର ଜେନାଙ୍କ ଘରେ। ଆଜି ଅପରାହ୍ନ ପ୍ରାୟ ୩ଟା ସମୟରେ ଗ୍ରାମାଂଚଳ ଥାନା ଅଧୀନସ୍ଥ ରାଜପୁର ତିହିଡି ଗ୍ରାମର ଅଟୋ ଚାଳକ ଜଗନ୍ନାଥ ଦାସ ନିଜ ଭାଇ ରବିନ୍ଦ୍ରର ଅଟୋ ଚଳାଇବା ମଧ୍ୟରେ ଧଳା ଜହର କବଳିତ ଥାଇ ନିଜ ଗ୍ରାମର ଅନ୍ୟତମ ସହଯୋଗୀ ସୁଦାମ ଚରଣ ଦାସ ସହ ଶ୍ରୀ ଜେନାଙ୍କ ନିର୍ମାଣାଧୀନ ଘରର ଲୁହାରଡ୍ ଏକ ବସ୍ତାରେ ପୁରାଇ ଲୋଡ୍ କରିଥିଲା। ସେମାନଙ୍କୁ ଦେଖି ଶ୍ରୀ ଜେନାଙ୍କ ଘରେ କାମ କରୁଥିବା ଲକ୍ଷ୍ମୀ ନାମକ ମହିଳା ଗୃହକର୍ତାଙ୍କୁ ଜଣାଇବାରୁ ପାଖରେ ଥିବା ଯୁବକମାନେ ଆସି ସେମାନଙ୍କୁ କାବୁ କରି ପୁଲିସ୍‌ର ଜିମା ଦେଇଛନ୍ତି। ତେବେ ଏମାନଙ୍କ ନିକଟରେ କିଛି ବ୍ରାଉନସୁଗାର ସେବନର ବ୍ୟବହୃତ ଜରି, କାଗଜ ପୁଡିଆ ଦେଖିବାକୁ ମିଳିଥିଲା। ଯାହାକୁ ସେମାନେ ପୁଲିସ୍ ଭୟରେ ପାଖ ସାଳନ୍ଦୀ ନଦୀକୂଳକୁ ଫିଙ୍ଗିଦେଇଥିଲେ। ଏପରିକି ନିଶାଗ୍ରସ୍ତ ଅବସ୍ଥାରେ ଅଟୋ ଚଳାଇ ଆସିବା ମଧ୍ୟରେ ଜଣେ ବ୍ୟକ୍ତିଙ୍କ ପୋଷା କୁକୁରକୁ ଗାଡି ଚଢାଇ ମାରିଦେଇଛନ୍ତି। ପୁଲିସ୍ ଉଭୟଙ୍କୁ ଥାନାରେ ଅଟକ ରଖି ଅଟୋଟିକୁ ଜବତ କରି ତଦନ୍ତ ଚଳାଇଛି।

## ୱାକଥନ୍ ଓ ପଥ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, (ପି.ଏନ): ଭୋଟର୍ ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଶନିବାର ଦିନ ଆୟୋଜନ ହେବାକୁ ଥିବା ୱାକଥନ୍ ଓ ପଥ ଉତ୍ସବ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶନିବାର ସକାଳ ୭.୩୦ ମିନିଟ୍‌ରେ ଏକ ସଚେତନତା ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ନୂଆ ବସ୍‌ଷ୍ଟାଣ୍ଡ ଅଭିମୁଖେ ଯିବ। ନୂଆ ବସ୍‌ଷ୍ଟାଣ୍ଡଠାରୁ କାକଟ, ବଡ଼ହାଟ ଦେଇ ମ୍ୟୁନିସିପାଲିଟି ଟାଉନ୍‌ହଲ୍‌ଠାରେ ୱାକଥନ୍ ପହଂଚିବ। ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଭୋଟରଙ୍କ ଭୂମିକା ସଂପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ ରଙ୍ଗୋଲି କାର୍ଯ୍ୟକ୍ରମ। ଏକ ମାନବ ଶୃଙ୍ଖଳ ଆୟୋଜନ କରିବା ପାଇଁ ନିଷ୍ପତି ନିଆଯାଇଥିବା ବେଳେ ମ୍ୟୁନିସିପାଲିଟି ଟାଉନହଲଠାରେ ଆୟୋଜିତ ହେବ ପଥ ଉତ୍ସବ। ଜିଲ୍ଲାର ବହୁ ବୁଦ୍ଧିଜୀବୀ, ସ୍ୱନାମଧନ୍ୟ ବ୍ୟକ୍ତି ସୁସ୍ଥ ଗଣତନ୍ତ୍ର ଗଠନରେ ଭୋଟରଙ୍କ ଭୂମିକା ଉପରେ ଆଲୋକପାତ କରିବେ।

# ପ୍ରଦୀପ ସାହା ପାରାଦୀପ ପୌରପାଳିକା ର ନୂତନ ନିର୍ବାହୀ ଅଧିକାରୀ

ପାରାଦୀପ, (ପି.ଏନ): ପାରାଦୀପ ପୌରପାଳିକା ର ନିର୍ବାହୀ ଅଧିକାରୀ ଭାବେ ଓଡିଶା ପ୍ରଶାନିକ ସେବା ର ପ୍ରଦୀପ କୁମାର ସାହା ସୋମବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥିପୂର୍ବରୁ ଶ୍ରୀ ସାହା ଭଦ୍ରକ ପୌରପାଳିକା ର ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିଲେ ।ଦୀର୍ଘ ବର୍ଷ ରୁ ଉର୍ଦ୍ଧ ହେବ ଏହି ପଦବୀ ଖାଲି ଥିବା ଯୋଗୁଁ ପୌର ପାଳିକାର ବହୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଯଦିଓ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଏହି ପଦବୀରେ ଅତିରିକ୍ତ ଦାୟିତ୍ୱରେ ରହିଥିଲେ କିନ୍ତୁ ଅନ୍ୟାନ୍ୟ ଦାୟିତ୍ୱ ହେତୁ ପୌରାଞ୍ଚଳର ଉନ୍ନୟନ କାର୍ଯ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ସମୟ ଦେଇ ପାରୁନଥିଲେ । ସେତେବେଳେ ଏହା ବାବଦରେ ବିଭିନ୍ନ ଗଣମାଧ୍ୟମରେ ବହୁବାର ଖବର ମଧ୍ୟ ପ୍ରକାଶିତ ହୋଇଥିଲା କ୍ଷ ତେବେ ବହୁ ପ୍ରତୀକ୍ଷା ର ଅନ୍ତ ଘଟି ନୂତନ ନିର୍ବାହୀ



ଅଧିକାରୀଙ୍କ ଯୋଗଦାନ ପରେ ପୌରାଞ୍ଚଳରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ସାଧାରଣରେ ଆଶା ସଂଚାର ହୋଇଛି । ତେବେ ଶ୍ରୀ ସାହାଙ୍କ ଯୋଗଦାନ ପରେ ପାରାଦୀପ ର ପୌରାଧ୍ୟକ୍ଷ, ପାରିଷଦ, ବହୁ ବୁଦ୍ଧିଜୀବୀ, କାର୍ଯ୍ୟରତ ସାମ୍ବାଦିକ ପ୍ରମୁଖ ତାଙ୍କୁ ଭେଟି ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ ।

# ଦୋକାନୀ ଓ ଅଟୋ ଚାଳକଙ୍କ ଠାରୁ ଦାଦାବଟି ଆଦାୟ କରିବା ଅଭିଯୋଗ : ଛୁରୀ ଓ ଟଙ୍କା ସହ ଜଣେ ଅଭିଯୁକ୍ତ ଗିରଫ

ପୁରୀ,(ପି.ଏନ):ଟାଉନ ଥାନା ଅଧୀନ ଶ୍ରୀକୃଷ୍ଣ ସେନେମା ହଲ ନିକଟରେ ଥିବା ଦୋକାନୀ ଏବଂ ଅଟୋ ଚାଳକଙ୍କ ଠାରୁ ଦାଦାବଟି ଆଦାୟ କରିବା ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଦୋଳମଣ୍ଡପ ସାହିର ରାଜକିଶୋର ନାଏକ(୨୪) ଓରଫ ଚିଂଟୁ ବୋଲି ସୂଚନା ମିଳିଛି। ସୂଚନା ମୁତାବକ,ଟାଉନ ଥାନା ଏସଆଇ ଅଶୋକ କୁମାର ବେହେରା ଥାନା ଅଚଂଳରେ ପାଟ୍ରୋଲିଂ କରି ଜଗନ୍ନାଥ ବଲ୍ଲଭ ନିକଟରେ ପହଂଚିଥିଲେ। ଉକ୍ତ ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ ଶ୍ରୀକୃଷ୍ଣ ସିନେମା ହଲ ନିକଟରେ ୩ଜଣ ଅସାମାଜିକ ଯୁବକ ହାତରେ ଛୁରୀ ଏବଂ ଲୁହା ରଡ ଧରି ସ୍ଥାନୀୟ ଦୋକାନୀ ଏବଂ ଅଟୋ ଚାଳକଙ୍କୁ ଭୟଭିତ କରି ବଟି ଆଦାୟ କରୁଛନ୍ତି। ସୂଚନା ଆଧାରରେ ପାଟ୍ରୋଲିଂ ପୁଲିସ ତୁରନ୍ତ ଥାନାଧିକାରୀ ସୁନିଲ କୁମାର ପ୍ରଧାନଙ୍କୁ ଘଟଣା ସମ୍ପର୍କରେ ଅବଗତ କରି ଉକ୍ତ ଅଚଂଳରେ ଚଢାଉ କରିଥିଲେ। ପୁଲିସ ଚଢାଉକୁ ଦେଖି ଅଭିଯୁକ୍ତ ୩ଜଣ ଘଟଣା ସ୍ଥଳରୁ ଦୌଡି ଖସି ଯିବାକୁ ଚେଷ୍ଟା କରିଥିଲେ। ପୁଲିସ ସେମାନଙ୍କୁ ଗୋଡାଇ ଉପରୋକ୍ତ ଜଣେ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଥିଲା ବେଳେ,ଅନ୍ୟ ୨ଜଣ ଖସି ଯିବାରେ ସକ୍ଷମ ହୋଇଥିଲେ। ଖସି ଯିବାରେ ସକ୍ଷମ ହୋଇଥିବା ଅଭିଯୁକ୍ତ ୨ଜଣ ହେଲେ ଦୋଳମଣ୍ଡପ ସାହିର ଅମ୍ବାଲୁ ନାଏକ ଏବଂ ମାର୍କଣ୍ଡେଶ୍ୱର ସାହିର କାହ୍ନା ସାହୁ ବୋଲି ସୂଚନା ମିଳିଛି। ପୁଲିସ ଗିରଫ ଅଭିଯୁକ୍ତ



ନିକଟରୁ ଗୋଟିଏ ଛୁରୀ ଏବଂ ୪ଶହ ଟଙ୍କା ଜବତ କରିଛି। ଏ ନେଇ ଏସଆଇ ଅଶୋକ କୁମାର ବେହେରାଙ୍କ ଅଭିଯୋଗକ୍ରମେ ପୁଲିସ ଅଭିଯୁକ୍ତକୁ ଗିରଫ କରି ତା ବିରୋଧରେ କେଶ ନଂ ୪୦୯/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray